ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.306 Bhubaneswar Sunday January 22 2023 | ୨୫ତମ ବର୍ଷ ସଂଖ୍ୟା-୩୦୬ ଭୁବନେଶ୍ୱର, ରବିବାର, ଜାନୁଆରୀ ୨୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରୀ: ଶେୟାର ହୋଇଥିବା ଟ୍ୱିଟ୍‌ଗୁଡିକୁ ବ୍ଲକ ପାଇଁ କେନ୍ଦ୍ରର ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୧।୧(ପି.ଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୨୦୦୨ ମସିହା ଗୁଜରାଟ ଦଙ୍ଗା ଉପରେ ବିବିସି ତିଆରି କରିଥିବା ଡକ୍ୟୁମେଣ୍ଟାରୀକୁ ନେଇ ଭାରତରେ ହଇଚଇ ସୃଷ୍ଟି ହୋଇଛି। ବିବିସି ଡକ୍ୟୁମେଣ୍ଟାରୀର ଲିଙ୍କକୁ ସୋଶାଲ ମିଡିଆରୁ ତୁରନ୍ତ ହଟାଇବାକୁ ଟ୍ୱିଟର ଓ ୟୁଟ୍ୟୁବକୁ ନିର୍ଦ୍ଦେଶ ଦେଇଛନ୍ତି ଭାରତ ସରକାର। ଅନେକ ଲୋକ ବିବିସିର ଡକ୍ୟୁମେଣ୍ଟାରୀ ଲିଙ୍କକୁ ଶେୟାର କରିଥିଲେ। ହେଲେ ଏହା ମୋଦିଙ୍କ ଛବିକୁ ମଳିନ କରିବାକୁ ଗୋଟିଏ ଷଡଯନ୍ତ୍ର ବୋଲି କେନ୍ଦ୍ର ସରକାର କହିଛନ୍ତି। ଏଥିପାଇଁ ସୋଶାଲ ମିଡିଆ କମ୍ପାନୀଗୁଡିକୁ ଏହାକୁ ତୁରନ୍ତ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।କେନ୍ଦ୍ରର ନିର୍ଦ୍ଦେଶ ପରେ ଅନେକ ଟ୍ୱିଟର ଆକାଉଣ୍ଟ ଓ ୟୁଟ୍ୟୁବରେ ରହିଥିବା ବିବିସିର ଡକ୍ୟୁମେଣ୍ଟାରୀ ଲିଙ୍କ ଡିଲିଟ ହୋଇଯାଇଛି। ବିବିସି ପକ୍ଷରୁ ଓଭୟସବ: ଅଷ୍ଟର ଗକ୍ଟୟସ ଛଙ୍କରଷ୍ଟ-ଷ୍ପସକ୍ଟଭ ନାଁରେ ଡକ୍ୟୁମେଣ୍ଟାରୀ ତିଆରି ହୋଇଥିଲା। ଏଥିରେ ତତ୍କାଳୀ ବ୍ରିଟେନ ସରକାର କରିଥିବା ତଦନ୍ତ ରିପୋର୍ଟକୁ ଉଲ୍ଲେଖ କରାଯାଇଥିଲା। ଏଥିସହ ରିପୋର୍ଟରେ ହିନ୍ଦୁ ମୌଳବାଦୀ ଚିନ୍ତାଧାରାର ସଂଗଠନ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୁଜରାଟ ଦଙ୍ଗା ପାଇଁ ସିଧାସଳଖ ଦାୟୀ କରାଯାଇଥିବା ବିବିସି ତା'ର ଡକ୍ୟୁମେଣ୍ଟାରୀରେ ଦାବି କରିଛି। ଏବେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦୁଇ ସୋଶାଲ ମିଡିଆ କମ୍ପାନୀ ଟ୍ୱିଟର ଓ ୟୁଟ୍ୟୁବକୁ ବିବିସି ଜାରି କରିଥିବା ଡକ୍ୟୁମେଣ୍ଟାରୀର ପ୍ରଥମ ଏପିସୋଡ ବ୍ଲକ କରିବାକୁ କହିଛି। ମନ୍ତ୍ରଣାଳୟ ପକ୍ଷରୁ ଟ୍ୱିଟରକୁ କୁହାଯାଇଛି ଯେ ୫୦ରୁ ଅଧିକ ଟ୍ୱିଟର ଆକାଉଣ୍ଟରୁ ବିବିସି ତିଆରି କରିଥିବା ଅପପ୍ରଚାର ସମ୍ପର୍କିତ ଡକ୍ୟୁମେଣ୍ଟାରୀକୁ ଶେୟାର କରାଯାଇଛି। ତେଣୁ ଏଗୁଡିକର ଲିଙ୍କକୁ ବ୍ଲକ କରାଯାଉ।

ଚାକିରି ନସରୁଣୁ ପୁନଃ ନିଯୁକ୍ତି: ଶ୍ୟାମଭକ୍ତ ମିଶ୍ର ଓପିଏସସି ସଦସ୍ୟ

ଭୁବନେଶ୍ୱର,୨୧।୧(ପି.ଏନ):ସରକାରୀ ଚାକିରୀ ସରିବାକୁ ଆହୁରି ୫ମାସ ବାକି ଥିବାବେଳେ ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସର ଶ୍ୟାମଭକ୍ତ ମିଶ୍ରଙ୍କୁ ସରକାରୀ ପଦପଦବୀରେ ଥଇଥାନ କରିଛନ୍ତି । ଶ୍ରୀ ମିଶ୍ର ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ଆଜି ନିଯୁକ୍ତି ପାଇଛନ୍ତି । ପ୍ରଶାସନରେ ପ୍ରଫେସନାଲଙ୍କୁ ନିଯୁକ୍ତି ଓ 'ଫାଇଭ-ଟି'କୁ କାର୍ଯ୍ୟକ୍ଷମ କରାଇ ରାଜ୍ୟବାସୀଙ୍କୁ ତ୍ୱରିତ୍ ସେବା ପ୍ରଦାନ ନିମନ୍ତେ ଭାଷଣବାଜି କରୁଥିବା ରାଜ୍ୟ ସରକାର ଏବେ 'ଓଡିଶା ଲୋକସେବା ଆୟୋଗ'କୁ ଅବସରପ୍ରାପ୍ତ ଅଫିସରମାନଙ୍କ ଥଇଥାନ କେନ୍ଦ୍ରରେ ପରିଣତ କରିଛନ୍ତି ।ଆଜି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବୟନିକାର ପରିଚାଳନା ନିର୍ଦ୍ଦେଶକ ଓ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶକ ଶ୍ୟାମ ଭକ୍ତ ମିଶ୍ରଙ୍କୁ ଆଜି ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ମିଳିଛି । ସେ ଯେଉଁଦିନଠୁ ଏହି ନୂଆ ଦାୟିତ୍ୱ ଗ୍ରହଣ କରିବେଳ, ତା'ର ୬ବର୍ଷ ପର୍ଯ୍ୟନ୍ତ ଅବା ୬୨ବର୍ଷ ବୟସରେ ଉପନୀତ ହେବା ପର୍ଯ୍ୟନ୍ତ ଯାହା ଆଗ ପଡିବ ଏହି କାର୍ଯ୍ୟ ତୁଲାଇବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ସ୍କୁଲ ବ୍ୟାଗରୁ ଗଞ୍ଜେଇ ଜବତ, ୭ ଗିରଫ

ଜୟପୁର, ୨୧।୧(ପି.ଏନ): ଅଭିନବ ଉପାୟରେ ସ୍କୁଲ ବ୍ୟାଗରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଛକୁଣ୍ଡ ପୋଲିସ ଚଢ଼ଉ କରିଛି। ଲମଡାପୁଟ ଫାଣ୍ଡି ଅଧିକାରୀ ଚିତ ପ୍ରଧାନୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଛି। ଲମଡାପୁଟ ଅଂଚଳରୁ ବାହାର ରାଜ୍ୟକୁ ଗଂଜେଇ ଚୋରା ବେଳେ ମଲେଗାଁ ଛକ ନିକଟରେ ଚଢ଼ଉ କରିଛି ପୋଲିସ। ପାଟ୍ରୋଲିଂ ସମୟରେ ମଲେଗାଁ ଛକରେ ୪ ଜଣ ବ୍ୟକ୍ତି ସ୍କୁଲ ବ୍ୟାଗ କାନ୍ଧରେ ପକାଇ ବସ୍‌କୁ ଅପେକ୍ଷା କରିଥିବା ବେଳେ ସନ୍ଦେହ କରି ପୋଲିସ ବ୍ୟାଗ ଗୁଡିକ ଯାଂଚ୍ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ବ୍ୟାଗ ଗୁଡିକରୁ ୨୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ଏହାର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଜାନୁଆରୀ ୨୬ରେ ଲଞ୍ଚ ହେବ ଦେଶର ପ୍ରଥମ କୋଭିଡ୍ ନାଜାଲ ଟିକା

ନୂଆଦିଲ୍ଲୀ,୨୧।୧(ପି.ଏନ): ଆସନ୍ତା ଜାନୁଆରୀ ୨୬ରେ ଲଞ୍ଚ ହେବ ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ ଦେଶର ପ୍ରଥମ କୋଭିଡ୍ ନାଜାଲ ଟିକା। ଭାରତ ବାୟୋଟେକ ନାକରେ ପଡି ପାରୁଥିବା କୋଭିଡ୍ ଟିକା INCOVACCକୁ ଲଞ୍ଚ କରିବ। ଏନେଇ ଆଜି କମ୍ପାନୀ ଚେୟାରମ୍ୟାନ ତଥା ଏମଡି କ୍ରିଷ୍ଣା ଇଲ୍ଲା ସୂଚନା ଦେଇଛନ୍ତି ।ଭୋପାଲରେ ଇଣ୍ଡିଆନ ଇଣ୍ଟରନ୍ୟାଶନାଲ ସାଇନ୍ସ ଫେଷ୍ଟିଭାଲରେ ଯୋଗ ଦେବା ଅବସରରେ ଇଲ୍ଲା ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଛନ୍ତି ଯେ ଗାଈଙ୍କ ଦେହରେ ଦେଖା ଯାଉଥିବାର ଲମ୍ପି ଚର୍ମ ରୋଗର ମୁକାବିଲା ପାଇଁ ଖଙ୍କଙ୍କକ୍ସ-ଚକ୍ସକ୍ଟଠବମଓଭୟକୁ ଆସନ୍ତା ମାସରେ ଲଞ୍ଚ କରାଯିବ। ଏହାପୂର୍ବରୁ କରୋନାର ମୁକାବିଲା ପାଇଁ ନାଜାଲ ଟିକାର ଶୁଭାରମ୍ଭ ହେବ।ସେ କହିଛନ୍ତି, "ଆମର ନାଜାଲ ଟିକା ବିଧିବଦ୍ଧ ଭାବେ ଜାନୁଆରୀ ୨୬ ଅର୍ଥାତ ସାଧାରଣତନ୍ତ୍ର ଦିବସରେ ଲଞ୍ଚ ହେବ। ଲୋକମାନେ ବେଶ ସହଜରରେ ଏହାକୁ ନେଇ ପାରିବେ। ଏହାର ବ୍ୟବହାର ପାଇଁ ଅନୁମତି ମିଳି ସାରିଛି।"

କଟକ ଏସସିବି ମେଡ଼ିକାଲରେ ବିରଳ ଅସ୍ତ୍ରୋପଚାର : ହାତରେ ଲାଗିଲା ଗୋଡ଼ ଆଙ୍ଗୁଠି

କଟକ, ୨୧।୧(ପି.ଏନ): କଟକ ଏସସିବି ମେଡ଼ିକାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି । ହାତରେ ଲାଗିଛି ଗୋଡ଼ ଆଙ୍ଗୁଠି। ଏସସିବି ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଦ୍ୱାରା ଏହି ସଫଳ ଅସ୍ତ୍ରୋପଚାର କରାଯାଇଛି । ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ଏହାର ସଫଳ ଅସ୍ତ୍ରୋପଚାର କରିଥିଲେ । ମେସିନରେ କାମ କରୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠି କଟି ଯାଇଥିଲା । ଗୋଡ ଆଙ୍ଗୁଠିକୁ କାଟି ତାଙ୍କ କଟିଯାଇଥିବା ହାତ ଆଙ୍ଗୁଠି ସ୍ଥାନରେ ଲଗାଯାଇଥିଲା ।

ଖଣ୍ଡଗିରି ମାଘ ମେଳା ପାଇଁ ଜାରୀ ହେଲା ଏସଓପି

ଭୁବନେଶ୍ୱର, ୨୧।୧(ପି.ଏନ): ଆଗାମୀ ଜାନୁଆରୀ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଖଣ୍ଡଗିରି ମାଘ ମେଳା ପାଇଁ ବିଏମସି ପକ୍ଷରୁ ସ୍ୱତନ୍ତ୍ର ଏସଓପି ଜାରୀ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ ମାର୍ଗଦର୍ଶିକାକୁ ମେଳାରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ଦିନ ଧରି ଚାଲିବାକୁଥିବା ଏହି ମେଳାରେ ଚଳିତ ଥର ଯାତ୍ରାରେ ଅପେରାକୁ ଅନୁମତି ଦିଆଯାଇଛି। ୬ଟି ପଡ଼ିଆରେ ଅପେରା ହେବାକୁ ଥିବା ବେଳେ ପାର୍କିଂ ପାଇଁ ୩ଟି ସ୍ୱତନ୍ତ୍ର ପଡିଆ ଚିହ୍ନଟ କରାଯାଇଛି ।ଅପେରାରେ ସାନିଟାଇଜର, ଦୁଇ ସିଟ ମଧ୍ୟରେ ବ୍ୟବଧାନ ଓ ମାସ୍କ ବ୍ୟବସ୍ଥା ରହିବ । ଅଗ୍ନିକାଣ୍ଡ ଓ ଦଳାଚକଟା ଭଳି ଅଘଟଣକୁ ରୋକିବାକୁ ସ୍ୱତନ୍ତ୍ର ନଜର ରଖାଯିବ। ଅସ୍ଥାୟୀ ଶୌଚାଳୟ ପ୍ରତିଷ୍ଠା ସହ ସ୍ୱଚ୍ଛତା ଓ ପରିମଳକୁ ଉପରେ ଧ୍ୟାନ ଦେବାକୁ କୁହାଯାଇଛି ।ସେହିପରି ଯାତ୍ରା ନାଟକ ଦଳର ସମସ୍ତେ କୋଭିଡ୍ ନିମୟ ମାନି ଯାତ୍ରା ପରିବେଷଣ କରିବେ। ସମସ୍ତ ଅଫିସର, ମେମ୍ବର ଓ ଭଲ୍ୟୁଣ୍ଟର କୋଭିଡ୍ ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଛି।

ରାଜ୍ୟ କ୍ୟାବିନେଟ୍‌ରେ ୧୨ ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୨୧।୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକରେ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଗ୍ରାଂଟ-ଇନ୍ ଏଡ୍ ବଢାଯିବା ସମେତ ମୋଟ ୧୨ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ମିଳିଥିବା ସୂଚନା ଅନୁସାରେ ଅନୁଦାନପ୍ରାପ୍ତ ବେସରକାରୀ କଲେଜ କର୍ମଚାରୀଙ୍କ ଗ୍ରାଂଟ-ଇନ୍ ଏଡ୍ ବଢାଯିବାକୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । କ୍ୟାବିନେଟଚ ଏହି ନିଷ୍ପତି ଫଳରେ ରାଜ୍ୟର ୧୫,୭୭୧ ଶିକ୍ଷକ, କର୍ମଚାରୀ ଉପକୃତ ହେବେ। ଏହା ପିଛିଲା ଭାବେ ୨୦୨୨ ଜାନୁଆରି ୧ ତାରିଖରୁ ଏହା ଲାଗୁ ହେବ।ଓଡିଶା ରାଜ୍ୟ ନିମନ୍ତେ କେନ୍ଦ୍ର ତାଲିକାଭୁକ୍ତ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଜାତି ଗୁଡିକୁ ଓଡିଶା ରାଜ୍ୟର ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପାଇଁ ପଛୁଆ ବର୍ଗ ଆୟୋଗ (ଏସସିବିସି) ଅଧିନିୟମ ୧୯୯୩ରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଂଜୁରୀ ଦିଆଯାଇଛି । ଜଳେଶ୍ୱର ଗୋବରୀ ଘାଟର ସୁବର୍ଣ୍ଣରେଖା ନଦୀରେ ହେବ ବ୍ରିଜ୍ । ବ୍ରିଜ୍ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ସେହିପରି ଖଣି, ଭୂତତ୍ତ୍ୱ ସେବା ନିର୍ଦ୍ଦେଶାଳୟର ୫ଟି କ୍ୟାଡର ନିଯୁକ୍ତିରେ ସଂଶୋଧନ ପ୍ରସ୍ତାବକୁ ମଂଜୁରୀ ମିଳିଛି । ଓଏସ୍‌ଜେଏସ୍ ଓ ଓଜେଏସ୍ ସେବା ଅଧିନିୟମରେ କ୍ୟାବିନେଟରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି । କ୍ୟାବିନେଟ ବୈଠକରେ ବାଗଚୀ ଶ୍ରୀଶଙ୍କର କର୍କଟ ଚିକିତ୍ସା କେନ୍ଦ୍ର ଓ ଅନୁସନ୍ଧାନ ପ୍ରତିଷ୍ଠାନକୁ ୨ ଏକର ଜମି ମାଗଣାରେ ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ଏହି ପ୍ରତିଷ୍ଠାନ ସ୍ୱେଚ୍ଛାକୃତ ଭାବେ କର୍କଟ ରୋଗୀଙ୍କ ରହଣୀ ନିମିତ ବିଶ୍ରାମଗୃହ ନିର୍ମାଣ କରିବାକୁ ଯାଉଥିବା ନେଇ ସୂଚନା ଦିଆଯାଇଛି । କ୍ୟାବିନେଟ ବୈଠକରେ ଓଡ଼ିଶା ଖାଦ୍ୟ ପରୀକ୍ଷାଗାର କର୍ମଚାରୀ ନିଯୁକ୍ତି ଅଧିନିୟମରେ ମଧ୍ୟ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ସେହିପରି କ୍ୟାବିନେଟ ବୈଠକରେ ଜିଏସ୍‌ଟି, ବାଣିଜ୍ୟ କର ଡାଟା ଏଂଟ୍ରି ଅପରେଟର ନିଯୁକ୍ତି ଅଧିନିୟମ ସଂଶୋଧନ ହୋଇଛି। ଓଡ଼ିଶା ଗ୍ରୁପ-ବି କର୍ମଚାରୀ ନିଯୁକ୍ତି ଓ ସେବାସର୍ତ୍ତରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ମଂଜୁରୀ ମିଳିଛି ।ସେହିପରି ମାଲକାନଗିରିର ୪ଟି ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଖଇରିପୁଟ, ମାଲକାନଗିରି, ମାଥିଲି ଓ କାଲିମେଳାରେ ଏହି ପ୍ରକଳ୍ପ ହେବ । ନୟାଗଡ଼ ଜିଲ୍ଲାର ଦଶପଲା, ଗଣିଆ ଓ ନୂଆଗାଁରେ ହେବ ୩ଟି ପାନୀୟଜଳ ପ୍ରକଳ୍ପ ପାଇଁ ନିବିଦାକୁ ଅନୁମୋଦନ ମିଳିଛି। ଯାଜପୁରର ବରୀ ଓ କୋରେଇ ବ୍ଲକରେ ନିର୍ମାଣ ପାନୀୟ ଜଳ ପ୍ରକଳ୍ପ ହେବ । ଏହାକୁ କ୍ୟାବିନେଟର ଅନୁମୋଦନ ମିଳିଛି ।

ଏସଇବିସି ତାଲିକାରେ ୨୨ଟି ଜାତିକୁ ସାମିଲ ପାଇଁ ଆଇନ ସଂଶୋଧନକୁ ମଞ୍ଜୁରୀ

ଭୁବନେଶ୍ୱର,୨୧।୧(ପି.ଏନ): କେନ୍ଦ୍ର ସରକାରଙ୍କ ଓବିସି(ଅନ୍ୟାନ୍ୟ ପଛୁଆବର୍ଗ) ତାଲିକାରେ ଓଡିଶାର ଯେଉଁସବୁ ଜାତିଗୁଡିକ ସାମିଲ ଅଛି, ସେସମସ୍ତ ଜାତିକୁ ରାଜ୍ୟ ସରକାରଙ୍କ ଏସଇବିସି(ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ) ତାଲିକାରେ ସାମିଲ କରିବା ନିମନ୍ତେ ଓଡିଶା ପଛୁଆବର୍ଗ କମିଶନ ଆଇନରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ଏହାସହିତ କେନ୍ଦ୍ର ସରକାରଙ୍କ ଓବିସି ତାଲିକାରେ ଥିବା ୨୨ଟି ଜାତିକୁ ରାଜ୍ୟ ସରକାରଙ୍କ ଏସଇବିସି ତାଲିକାରେ ସାମିଲ ନିମନ୍ତେ କ୍ୟାବିନେଟ୍ ଅନୁମତି ଦେଇଛନ୍ତି ।ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୯ଟି ବିଭାଗର ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଭାରତର ସମ୍ବିଧାନର ଧାରା ୧୫(୪), ପଛୁଆବର୍ଗମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି । ଏହାସହିତ ରାଜ୍ୟର ଦୁର୍ବଳ ବର୍ଗଙ୍କ ଲୋକଙ୍କୁ ସମସ୍ତ ପ୍ରକାରର ଶୋଷଣରୁ ସୁରକ୍ଷା ଦେବା ପାଇଁ ଭାରତର ସମ୍ବିଧାନର ଧାରା ୪୬, ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି । ଏବେ ଓଡିଶାର ୨୨ଟଇ ଜାତି,ସମ୍ପ୍ରଦାୟ ଓ ଏହାର ସମାର୍ଥକ ଜାତିଗୁଡିକ ଭାରତ ସରକାରଙ୍କ ବିଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ଓଡିଶା ରାଜ୍ୟ ପାଇଁ ଓବିସି ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଏସଇବିସି ତାଲିକାରେ ସାମିଲ ହୋଇପାରିନାହାନ୍ତି । ସେମାନଙ୍କୁ ରାଜ୍ୟ ସରକାରଙ୍କ ଏସଇବିସି ତାଲିକାରେ ସାମିଲ କରିବାର ଆବଶ୍ୟକତା ଥିବାରୁ ଓଡିଶା ରାଜ୍ୟ ପଛୁଆବର୍ଗ ଅଧିନିୟମ-୧୯୯୩ର ଧାରା -୯ର ଉପଧାରା-୩କୁ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧୀୟ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଅଧିକ ସଂଖ୍ୟକ ଜାତିକୁ ଏସଇବିସି ତାଲିକାଭୁକ୍ତ କରାଯାଇପାରିବ ।

ମୁହଁ ଖୋଲିଲେ ଶ୍ରୀୟା: ଭୋଗ ଖାଇଲେ ପାପ ହେବ ବୋଲି କହୁଥିଲେ



ଭୁବନେଶ୍ୱର,୨୧।୧(ପି.ଏନ): ମୁହଁ ଖୋଲିଲେ ହ୍ୟୁମାନଙ୍କ ପତ୍ନୀ ଶ୍ରୀୟା। ସ୍ୱାମୀ ଓ ଶାଶୂଙ୍କର ସବୁ ଅଭିଯୋଗକୁ ଖଣ୍ଡନ କଲେ। ଆଉ ନିର୍ଯାତନାର କଳା କାହାଣୀ ବର୍ଣ୍ଣନା କଲେ। ଶ୍ରୀୟା କହିଲେ, ମଦ ପିଇବାକୁ ବାରଣ କଲି ବୋଲି ମୋତେ ମାଡ ମାରୁଥିଲେ। ତେବେ ନିର୍ଯାତନା ଅସହ୍ୟ ହେବାରୁ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହେଲି ବୋଲି ଶ୍ରୀୟା କହିଛନ୍ତି ।ଆଜି ଶ୍ରୀୟା କହିଛନ୍ତି, ଝିଅ ଜନ୍ମ ପରଠାରୁ ଅର୍ଥାତ ୫ ବର୍ଷ ଧରି ମାନସିକ ଓ ଶାରୀରିକ ନିର୍ଯାତନା ପାଉଥିଲି। ମୋ' ସ୍ୱାମୀ ଜଣେ ବଡ ସେଲିବ୍ରିଟି ହୋଇଥିବାରୁ ଆମେ(ସ୍ୱାମୀ-ସ୍ତ୍ରୀ) ଆପୋଷ ସମାଧାନ କରିଦେଉଥିଲୁ। ତେବେ ଗତ ୬ ମାସ ହେଲା ନିର୍ଯାତନା ବଢ଼ି ଯାଇଥିଲା। ମୋ ବାପା, ମାଆ ଓ ବନ୍ଧୁବାନ୍ଧବ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ହେଲେ କିଛି ଫଳ ମିଳିନଥିଲା। ଶେଷରେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହେଲି ବୋଲି ଶ୍ରୀୟା କହିଛନ୍ତି।

ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତହ ଅଲ ସିସି ୨୪ରେ ଭାରତ ଆସିବେ

ନୂଆଦିଲ୍ଲୀ,୨୧।୧(ପି.ଏନ):ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତହ ଅଲ-ସିସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଆଗାମୀ ୨୪-୨୬ ଜାନୁଆରୀ ଯାଏ ସରକାରୀ ଗସ୍ତରେ ଭାରତ ଆସିବେ । ନିଜର ଦ୍ୱିତୀୟ ସରକାରୀ ଗସ୍ତରେ ଆସୁଥିବା ରାଷ୍ଟ୍ରପତି ସିସି ୭୪ ତମ ଗଣତନ୍ତ୍ର ଦିବସ ସମାରୋହର ମୁଖ୍ୟ ଅତିଥି ମଧ୍ୟ ହେବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ରାଷ୍ଟ୍ରପତି ସିସିଙ୍କ ସହିତ ପାଂଚ ଜଣ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମାନଙ୍କର ଏକ ଉଚ୍ଚ ସ୍ତରୀୟ ପ୍ରତିନିଧିଦଳ ମଧ୍ୟ ଭାରତ ଆସିବ । ସେମାନଙ୍କର ୨୪ ତାରିଖ ଦିନ ଦିଲ୍ଲୀ ପହଂଚିବାର କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ଗଣତନ୍ତ୍ର ଦିବସ ପ୍ୟାରେଡରେ ଇଜିପ୍ଟ ସେନାର ଏକ ସୈନିକ ଦଳ ମଧ୍ୟ ଭାଗ ନେବ । ରାଷ୍ଟ୍ରପତି ସିସିଙ୍କୁ ୨୫ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଔପଚାରିକ ଭାବେ ସ୍ୱାଗତ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୫ ତାରିଖ ଦିନ ସଂଧ୍ୟାରେ ତାଙ୍କର ସମ୍ମାନରେ ଏକ ଭୋଜିର ଆୟୋଜନ କରିବେ ।

କଶ୍ମୀର ପାକିସ୍ତାନର ଜାତୀୟ ପ୍ରସଙ୍ଗ କହିଲା ବିଶ୍ୱସ୍ତରୀୟ ଆତଙ୍କୀ ମକ୍କି

ନୂଆଦିଲ୍ଲୀ,୨୧।୧(ପି.ଏ

ଟି ଟାଇମ୍

ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଟେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଜ୍ଞ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଜ୍ଞ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଜ୍ଞ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର

ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେଙ୍କ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

ପୁରାଣ କାହାଣୀ

ମନ୍ଥରାଙ୍କ କୁମନ୍ତ୍ରଣା

ରାମଙ୍କ ଶିବଧୁନ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶ୍ରୁତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଟା

ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଟା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପ୍ରଦେଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଟା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଥାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଟା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଡି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହିଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିଲେ ହ୍ରିତିକ।

'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ୍ନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ

ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ

ସଂଖ୍ୟାଲଘୁ କଂଗ୍ରେସ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହେଁ

ରାଉରକେଲା (ପିଏନ୍): ସଂଖ୍ୟାଲଘୁ ସମ୍ପ୍ରଦାୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଚାହେଁ । ସଂଖ୍ୟାଲଘୁ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ତଥା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ସହିତ ସାମିଲ୍ କରିବା ଦିଗରେ ଯଥାସମ୍ଭବ ସଂଖ୍ୟାଲଘୁ କଂଗ୍ରେସ ପ୍ରୟାସ କରେ ବୋଲି ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ କଂଗ୍ରେସ ବିଭାଗର ମୁଖ୍ୟ ଆଇନ୍‌ଜୀବୀ ଜିଆଉଲ ହକ୍ ତାଙ୍କ ରାଉରକେଲା ଗସ୍ତକାଳରେ ପ୍ରକାଶ କରିଛନ୍ତି । ଗତକାଲି ଆଇନ୍‌ଜୀବୀ ହକ୍ କିଛି ଘରୋଇ କାର୍ଯ୍ୟରେ ରାଉରକେଲା ଆସିଥିବା ବେଳେ ଅପରାହ୍ନରେ କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଏହି ଅବସରେର ଜିଲ୍ଲା କଂଗ୍ରେସ ତରଫରୁ ଏକ ସଂକ୍ଷିପ୍ତ ସମାରୋହରେ ତାଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ପୂର୍ବତନ ଅଧ୍ୟକ୍ଷ ମହମ୍ମଦ ସମୀମ, ଛାତ୍ର କଂଗ୍ରେସ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବାରିକ, ଜିଲ୍ଲା କଂଗ୍ରେସର କାର୍ଯ୍ୟନିର୍ବାହୀ ରୁକସାନା ବେଗମ, ସାହିର ହୁସେନ, ପୂର୍ବତନ ଯୁବ ସଭାପତି ପ୍ରବୋଧ ଦାସ, ପୂର୍ବତନ ଛାତ୍ର ସଭାପତି ଶିବୁ ଦୀପ ପ୍ରମୁଖ ବକ୍ତବ୍ୟ ରଖି ଆଇନ୍‌ଜୀବୀ ହକ୍‌ଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ପ୍ରଦର୍ଶିତ ମାର୍ଗରେ ଜିଲ୍ଲାରେ ସଂଖ୍ୟାଲଘୁ ସଙ୍ଗଠନ ଅଧିକ ସୁଦୃଢ ହୋଇପାରିବ ବୋଲି ଆଶା କରିଥିଲେ । ବିଗତ ଦିନରେ ସଂଖ୍ୟାଲଘୁ କଂଗ୍ରେସ ରାଉରକେଲାରେ ବେଶ୍ ମଜବୁତ ଥିଲା । ନିଷ୍ଠାପର ନେତୃତ୍ୱ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ ସଙ୍ଗଠିତ ହୋଇପାରିବ ବୋଲି ଏହି ଅବସରରେ ବକ୍ତାମାନେ ପ୍ରକାଶ କରିଥିଲେ । ରାଉରକେଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ କଂଗ୍ରେସ ସରକାର ସମୟରେ ବିଭିନ୍ନ ପ୍ରକାରର ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିବା ବେଳେ ଗତ ୨୨ ବର୍ଷ ଭିତରେ ବର୍ତ୍ତମାନର ସରକାର କେବଳ ସଂଖ୍ୟାଲଘୁମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ବକ୍ତାମାନେ ଏହି ଅବସରରେ ପ୍ରକାଶ କରିଥିଲେ । କେବଳ ନିର୍ବାଚନ ଆସିଲେ ବିଭିନ୍ନ ଫନ୍ଦିଫିକର କରି ଶାସକ ବିଜେଡି ସଂଖ୍ୟାଲଘୁଙ୍କ ଭୋଟ୍ ହାତେଇବା ସହିତ କ୍ଷମତାକୁ ଆସିଛି ବୋଲି ନେତୃବୃନ୍ଦ ପ୍ରକାଶ କରି ଆଗାମୀ ଦିନରେ ଏଥିପ୍ରତି ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇଭଉଣୀମାନେ ସଚେତନ ରହିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଶ୍ରୀ ସେନାପତି ଆଇନ୍‌ଜୀବୀ ହକ୍‌ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଧ୍ୟକ୍ଷ ମହୋଦୟଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଆଜ ଅହମ୍ମଦ, ଏମ୍‌ଡି ମୁର, ସାକିର ହୁସେନ, ବିଜୟ ପୁରୋହିତ, ବାସୁ ବାନାର୍ଜୀ, ଇଜାଜ ଅକତର, ବାବୁ ଖାନ, ଏମ୍‌ଡି ଇମାମ, ଦିଲ୍ଲୀପ ଜେନା, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସେବାଦଳର ବୁଲୁ ଦାସ, ଜିଲ୍ଲା କଂଗ୍ରେସର ରେହେମାନ ଖାନ, ସୋନୁ ସାହୁ, ସଦ୍ଦାବ ଅହମ୍ମଦ, ପପୁ ଖାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଅଧ୍ୟକ୍ଷ ଆଇନ୍‌ଜୀବୀ ହକଙ୍କୁ ସ୍ୱାଗତ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ଏଚପିସିଏଲ ପକ୍ଷରୁ ଫକୀରମୋହନ ମେଡିକାଲ କଲେଜକୁ ସିଏଲଆଇଏ ଓ ଏ-ସ୍କାନ ମେସିନ ପ୍ରଦାନ

ବାଲେଶ୍ୱର (ପିଏନ୍)-ରାଷ୍ଟ୍ରାୟତ ତୈଳ ଉଦ୍ୟୋଗ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ) ପକ୍ଷରୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ରକ୍ତ ପରୀକ୍ଷା ପାଇଁ ଏକ ସିଏଲଆଇଏ ମେସିନ୍ ଓ ଚକ୍ଷୁ ପରୀକ୍ଷା ପାଇଁ ଏ-ସ୍କାନ ମେସିନ ପ୍ରଦାନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ବିଭାଗରେ ସ୍ଥାପିତ ଏହି ମେସିନ୍‌କୁ ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଉଦଘାଟନ କରିଥିଲେ । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଯୋଗ ଦେଇ ଏହି ମେସିନ୍ ଦ୍ୱାରା ବାଲେଶ୍ୱର ଜିଲ୍ଲା ସମେତ ଆଖପାଖ ଜିଲ୍ଲା ଓ ପଡୋଶୀ ରାଜ୍ୟର ରୋଗୀମାନେ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ମେଡିକାଲ କଲେଜ ସୁପରିଟେଣ୍ଡେଣ୍ଟ ଡା. ସୁଜାତା ମିଶ୍ର, ଏଚପିସିଏଲ ଡିଜିଏମ ଶ୍ରୀ ପ୍ରବୀର କୁମାର ରାୟ, ବାଲେଶ୍ୱର ମୁଖ୍ୟ ଡିପୋ ମ୍ୟାନେଜର ଶ୍ରୀ ଗୁରୁବଚନ ସିଂହ, ଏଚପିସିଏଲ ବାଲେଶ୍ୱର ଶାଖା ମ୍ୟାନେଜର ଶ୍ରୀ ମୁକେଶ କୁମାର ଏବଂ ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସିଏଲଆଇଏ ଓ ଏ-ସ୍କାନ ମେସିନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ମେଡିକାଲ କଲେଜରେ ଏହି ଭଳି ମେସିନର ଆବଶ୍ୟକତାକୁ ହୃଦୟଙ୍ଗମ କରି ସହଯୋଗର ହାତ ବଢାଇଥିବାରୁ ଏଚପିସିଏଲ କତୃପକ୍ଷଙ୍କୁ ଜିଲ୍ଲାପାଳ ଓ ଉପସ୍ଥିତ ଅଧିକାରୀମାନେ ସାଧୁବାଦ ଜଣାଇବା ସହ ଏହିଭଳି ସହଯୋଗ ଆଗକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସିଏଲଆଇଏ ମେସିନ ସାହାଯ୍ୟରେ ଏକ ସଙ୍ଗେ ବିଭିନ୍ନ ବର୍ଗର ରକ୍ତ ଓ ଶରୀରରେ ହରମୋନର ମାତ୍ରା ପରୀକ୍ଷା ସ୍ୱଳ୍ପ ସମୟ ମ୍ମରେ କରାଯାଇପାରିବ ବୋଲି ଅଧ୍ୟକ୍ଷ ଡାକ୍ତର ମିଶ୍ର ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶେଷ କରି ରୋଗର ନିଦାନ ପାଇଁ ସ୍ୱଳ୍ପ ସମୟ ମ୍ମରେ ଟେଷ୍ଟ ରେଜଲ୍ଟ, ସଠିକ ନିରୂପଣ, ଘଂଟା ପ୍ରତି ୧୮୦ଟି ସ୍ୟାମ୍ପଲ ଟେଷ୍ଟ ପ୍ରଭୃତି ବୈଶିଷ୍ଟ୍ୟତା କାରଣରୁ ସିଏଲଆଇଏ ମେସିନ ବ୍ୟସ୍ତବହୁଳ ବାଲେଶ୍ୱର ମେଡିକାଲ କଲେଜ ହସପିଟାଲ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିଲା ବୋଲି ଡାକ୍ତର ମିଶ୍ର କହିଥିଲେ । ସେହିପରି ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁର ସଠିକ ନିଦାନ ପାଇଁ ଅଲଟ୍ରାସାଉଣ୍ଡ ଯୁକ୍ତ ଏ-ସ୍କାନ ମେସିନ ମଧ୍ୟ ବେଶ ଉପାଦେୟ ସାବ୍ୟସ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଏଚପିସିଏଲ କତୃପକ୍ଷ ମେସିନ ଦୁଇଟିକୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ହସ୍ତାନ୍ତର କରିଥିଲେ । ଏଚପିସିଏଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ଦୁଇଟି ମେସିନ ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କମ୍ପାନୀ କତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଏଚପିସିଏଲ ରିଟେଲର ଶ୍ରୀ ଜଗନ୍ନାଥ ସର୍ଭିସ ସେଂଟରର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଓ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିବା ବେଳେ ଡିପିଏମ ଶ୍ରୀ ଅନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ପାଇଁ ଦୁଇଟି ନିରୀହ ଗାଈର ଜୀବନ ଗଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ କଣ୍ଟିପାଳ ଗ୍ରାମରେ ଗୋଟିଏ ଦିନରେ ନକଲି ଡାକ୍ତର ଭୁଲ ଇଞ୍ଜେକ୍ସନ ଦେବାରୁ ଦୁଇଟି ନିରୀହ ଗାଈର ଜୀବନ ଚାଲିଗଲା । ସୂଚନା ଅନୁସାରେ କଣ୍ଟିପାଳ ଖିଲାର ସାହିର ଜଗନ୍ନାଥ ବାରିକଙ୍କ ଗାଈଟିର ଦେହ ଅସୁସ୍ଥ ହେବାରୁ ନକଲି ଡାକ୍ତର ବାବୁ ପହଂଚି ୪ଟି ଇଞ୍ଜେକ୍ସନ ଦେଇଥିଲେ ଏବଂ ସେହି ଗ୍ରାମର କଲନି ସାହିର ବାଇନ ନାହାକଙ୍କ ଗାଈ ଅସୁସ୍ଥ ଥିବାବେଳେ ସେହି ଡାକ୍ତର ସେଠାରେ ପହଂଚି ଭଲ ହୋଇଯିବ କହି ୪ଟି ଇଞ୍ଜେକ୍ସନ ଦେଇଥିବାରୁ ସେମାନେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି । ଡାକ୍ତର ବାବୁଙ୍କ ଘର କଣ୍ଟିପାଳ ମଠସାହି ଗ୍ରାମର ବୀରକିଶୋର ଦାସ ବୋଲି ଜଣାପଡିଛି । ସେ ଦୀର୍ଘଦିନ ଦେବ ବୁଲି ବୁଲି ପଶୁମାନଙ୍କ ଚିକିତ୍ସା କରନ୍ତି । ଅନେକ ଭଲ ହୁଅନ୍ତି, ଅନେକଗୁଡିଏ ଆଗରୁ ମରିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଏବେ ଗୋଟାଏ ଦିନରେ ଦୁଇ ଦୁଇଟି ଗାଈ ମରିବାକୁ ନେଇ ଗ୍ରାମରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ଆଗାମୀ ଦିନରେ ଏପରି ନିରୀହ ପଶୁଙ୍କ ଯେପରି ଜୀବନ ନଯାଏ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ପଂଚାୟତବାସୀ ଦାବି କରିଛନ୍ତି । ଆନନ୍ଦପୁର ପୋଲିସ୍ ପକ୍ଷରୁ ନକଲି ଡାକ୍ତରଙ୍କୁ ଗିରଫ କରାଯିବା ସହିତ କେଶ୍ ନଂ ୯୫/୨୩.୦୪.୨୦୨୨ ଆଇପିସି ୪୧୯/୪୨୦ରେ ଏକ ମାମଲା ରୁଜୁ କରାଯାଇ ଆନନ୍ଦପୁର ପୋଲିସ୍ ଅଧିକ ତଦନ୍ତ ଜାରି ରଖିଛି ।

ମୋନାଲିସା ସାହିତ୍ୟ ସଂସଦର ବିଷୁବ ଆସର

ପାରାଦୀପ (ପିଏନ୍)-ଯୁଗ ଯୁଗ ଧରି କବିତା ମାନବ ସମାଜର ସହଯାତ୍ରୀ ଭଳି ସାଥିରେ ରହି ମାନବିକତା ନିର୍ମାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ଓଡିଆ ନବନର୍ଷ ଓ ବିଷୁବ କବିତା ଆସର ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକା ହାରାମଣି ମହାପାତ୍ର ପୌରୋହିତ୍ୟ କରିଥିଲେ । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, ସିନେ ପ୍ରଯୋଜକ ଡ. କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ । କବୟତ୍ରୀ ଗୋଲାପରାଣୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପଚାଶରୁ ଊର୍ଦ୍ଧ୍ୱ କବି ଓ କବୟତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ମୋନାଲିସା ସାହିତ୍ୟ ସଂସଦର ସଂପାଦିକା ସଂଘମିତ୍ରା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କବୟତ୍ରୀ ପ୍ରଭାତୀ ମାଝୀ ।

ବାତୋ ବକୁଳି ମଠରେ ଅଷ୍ଟପ୍ରହର ନାମଯଜ୍ଞ

ଆନନ୍ଦପୁର (ପିଏନ୍): ବାତୋ ବକୁଳି ମଠରେ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବାବା ମନମୋହନ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ବାତୋ ଗ୍ରାମବାସୀଙ୍କ ଦ୍ୱାରା ଏହି ନାମ ସଂକୀର୍ତ୍ତନରେ କରଡାପାଳ, ପରମାନନ୍ଦପୁର, ନୟାଗଡ, ଲୁଣିଆପାଟଣା, ମଧୁକେଶରୀ, ଅଣତିରା, ପଞ୍ଚହରା, ହାତୀବନ୍ଧା, ମାଛକିରି, ବାବା ବକୁଳି ଗୋସ୍ୱାମୀ ସଂକୀର୍ତ୍ତନ ଦଳ ଦ୍ୱାରା ନାମ ପରିବେଷଣ କରାଯାଇଥିଲା । ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ଭାଗବତ ପାଠ କରିଥିଲେ । ନଗର ପରିକ୍ରମାରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ନାମ ସଂକୀର୍ତ୍ତନ, ଭୁରୀଭୋଜନ, ମିଷ୍ଟାନ୍ନରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମୁରଲୀଧର ପରିଡା, କରୁଣାକର ମାଝୀ, ହିମାଂଶୁ ଶେଖର ନାୟକ, ନାରାୟଣ ନାୟକ, ଚିତ୍ତରଂଜନ ମାଝୀ, ମଦନ ଦଳେଇ, ନିରଂଜନ ଦଳେଇ, କୋଦଣ୍ଡଧର ସା, ସନାତନ ବେହେରା, ଅର୍ଜୁନ ଚରଣ ନାଏକ, କେଶବ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ବାବୁଲି ବାରିକ, ଆନନ୍ଦଚନ୍ଦ୍ର ବାରିକ,ଶରତ ଚନ୍ଦ୍ର ଦେହୁରୀ, ସନାତନ ପଢିଆରୀ, ଚିନ୍ତାମଣୀ ନାଏକ, ପ୍ରଭାକର ଦଳେଇ, ଭରତ ଚନ୍ଦ୍ର ଦେହୁରୀ, ସନାତନ ସାହୁ, ମଥୁରୀ ବାରିକ, ଚେତନ ଚରଣ ପରିଡା, ବାଇଧର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

ଆଦି ଶକ୍ତିପୀଠ ମା' ତାରାତାରିଣୀ

ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ । ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର ।

ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ । ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ । ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ । ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ । ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ । ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ । ମାତ୍ର କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ

ପର୍ବତ ନେଇଗଲେ । ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା । ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲୀ) ଠାରେ ଏକ ଯଜ୍ଞର ଆୟୋଜନ କଲେ । ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ । ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ । ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ



କରିବାକୁ ଲାଗିଲେ । ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା । ସବୁଆଡ଼େ ଚାଲିଲା ଧ୍ୱଂସଲୀଳା । ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ବ୍ରହ୍ମା ଓ ବିଷ୍ଣୁଙ୍କୁ ଅନୁରୋଧ କଲେ । ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ । ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖୀରୁ ବର୍ତିବ ନାହିଁ । ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା' ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା । ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ । ଏଥିରେ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୨୨

ଅଣ ଚାଷ କାର୍ଯ୍ୟ : କମୁଛି ଚାଷ ଜମି

ଶ୍ୟାମସୁନ୍ଦର ସାମଲ

ଚାଷ ଜମିକୁ ଅଣଚାଷ କ୍ଷେତ୍ରରେ ବ୍ୟବହାର ସହିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ଚାଷଜମିର ପରିମାଣ ହ୍ରାସ ପାଇବାରେ ଲାଗିଛି । ଚାଷ ଜମି ହ୍ରାସ ସଂକ୍ରାନ୍ତରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସର୍ବଶେଷ ରିପୋର୍ଟରୁ ଏହା ଜଣାପଡ଼ିଛି । ଏହି ସୂଚନା ଅନୁଯାୟୀ ୨୦୧୬-୧୭ ମସିହାରେ ଓଡ଼ିଶାରେ ଚାଷ ଜମିର ପରିମାଣ ୬୬୯୦ ହଜାର ହେକ୍ଟର ଥିବାବେଳେ ୨୦୧୮-୧୯ରେ ତାହା ୬୬୭୫ ହେକ୍ଟରକୁ ହ୍ରାସ ପାଇଛି । ତେବେ ଛତିଶଗଡ଼କୁ ବାଦ ଦେଲେ ଅନ୍ୟ ସମସ୍ତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଏହି ସମୟରେ ଚାଷ ଜମିର ପରିମାଣ ହ୍ରାସ ପାଇଥିବା ଜଣାଯାଇଛି । ଛତିଶଗଡ଼ରେ ଏହି ସମୟରେ ଚାଷ ଜମିର ପରିମାଣ ୧୨ ହଜାର ହେକ୍ଟର ବୃଦ୍ଧି ପାଇଛି । ସେହିଭଳି ସମଗ୍ର ଦେଶରେ ମଧ୍ୟ ଚାଷ ଜମିର ପରିମାଣ ହ୍ରାସ ପାଇ ଚାଲିଛି । ୨୦୧୩-୧୪ ବର୍ଷରେ ଭାରତରେ ୧୮୧୮୪୯ ହଜାର ହେକ୍ଟର ପରିମିତ ଅଞ୍ଚଳର ଚାଷଜମି ଥିବାବେଳେ ଏହା କ୍ରମାଗତ ଭାବେ ହ୍ରାସ ପାଇ ୨୦୧୮-୧୯ରେ ୧୮୦୮୮୮ ହଜାର ହେକ୍ଟରରେ ପହଞ୍ଚିଛି । ଚାଷ ଜମି ଯେଭଳି ଅଣଚାଷ କାର୍ଯ୍ୟରେ ବ୍ୟବହୃତ ନ ହେବ ସେଥିପାଇଁ କେନ୍ଦ୍ର ସରକାର ଜାତୀୟ କୃଷକ ନୀତି ୨୦୦୭ ଜାରି କରିବା ସହିତ ସରକାର ମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ଯେଉଁସବୁ ଚାଷ ଜମି ଲୁଣା, ଏସିଡ଼ି ଆଦି ଦ୍ୱାରା ପ୍ରଭାବିତ ତାହାକୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରିବା ସହିତ ଚାଷ ଜମିକୁ ଶିଳ୍ପ ଓ ନିର୍ମାଣ ଭଳି ଅଣ କୃଷି କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ । ସେହିଭଳି ଜାତୀୟ ଥଇଥାନ ଓ ପୁର୍ନବାସ ନୀତି ୨୦୦୭ରେ ସୁପାରିଶ କରାଯାଇଥିଲା ଯେ ଯେତେଦୂର ସମ୍ଭବ ପ୍ରକଳ୍ପ ଗୁଡ଼ିକ ଅଣଚାଷ ଓ ଅଣସେଚିତ ଜମିରେ କରାଯିବା ଆବଶ୍ୟକ । ଅଣକୃଷି କାର୍ଯ୍ୟପାଇଁ ଜଳସେଚିତ, ବହୁଫସଲି ଜମି ଅଧିଗ୍ରହଣ ନକରିବା ପାଇଁ ସ୍ପଷ୍ଟ ଭାବେ କୁହାଯାଇଥିଲା । ତେବେ କେନ୍ଦ୍ର ସରକାରଙ୍କ ଏଭଳି ସୁପାରିଶ ଓ ପରାମର୍ଶକୁ ଓଡ଼ିଶା ସମେତ ଅଧିକାଂଶ ରାଜ୍ୟ ଅଣଦେଖା କରୁଥିବା ଲକ୍ଷ୍ୟ କରାଯାଉଛି । ବିଶେଷକରି ଆମ ରାଜ୍ୟରେ ଦ୍ରୁତ ସହରୀକରଣ ଯୋଗୁଁ ସହର ଆଖପାଖରେ ଥିବା ଚାଷଜମିର କଳେବର ହ୍ରାସ ପାଇବାରେ ଲାଗିଛି । ନିର୍ମାଣକାରୀ ସଂସ୍ଥାମାନେ ଚାଷୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ଜମି ଖରିଦ କରୁଛନ୍ତି । ଯେଉଁମାନେ ଜମି ଦେବାକୁ ରାଜି ହେଉନାହାନ୍ତି ସେମାନଙ୍କ ବିରୋଧରେ ବାହୁବଳ ପ୍ରୟୋଗ ପାଇଁ ପଛାଉ ନାହାନ୍ତି । ଶିଳ୍ପାୟନ ଓ ନିର୍ମାଣ ଯୋଗୁ ରାଜ୍ୟରେ କେବଳ ଚାଷ ଜମି ପରିମାଣ ହ୍ରାସ ପାଉନାହିଁ । ଜଙ୍ଗଲ ବି କାଟିବାକୁ ପଡୁଛି । ଖଣି, ଶିଳ୍ପ ଆଦି ପାଇଁ କଟା ଯାଉଥିବା ଜଙ୍ଗଲକୁ କ୍ଷତିପୂରକ ବନୀକରଣ ଯୋଜନାରେ ଭରଣା ପାଇଁ ନିୟମ ଥିଲେ ମଧ୍ୟ ଅଧିକାଂଶ ସମୟରେ ତାହା ଭରଣା ହେବା ପାଇଁ ବର୍ଷ ବର୍ଷ ସମୟ ଲାଗି ଯାଉଛି । ଏଥିଯୋଗୁଁ ଧିରେ ଧିରେ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଦେଖା ଦେଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,
ଶ୍ରୀସତ୍ୟସାଇ ସେବା ସମିତି, କଟକ,
ଦୂରଭାଷ : ୯୭୭୮୬୩୫୯୨୬

ମୃତ୍ୟୁ ପାଇଁ ପ୍ରସ୍ତୁତି ହିଁ ଜୀବନ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଜୀବନକୁ ପ୍ରକୃତ ଅର୍ଥରେ ବଞ୍ଚିବାକୁ ହେଲେ ମୃତ୍ୟୁ କ'ଣ ଜାଣିବା ଆବଶ୍ୟକ । କାରଣ ଅନେକ ସମୟରେ ମୃତ୍ୟୁର ଭୟ ମନୁଷ୍ୟକୁ ଜୀବନର ପ୍ରକୃତ ଆନନ୍ଦଠାରୁ ଦୂରେଇ ନେଇଥାଏ । ଏଣୁ ମୃତ୍ୟୁର ଭୟକୁ ମନରୁ ଦୂର କରିବା ଉଚିତ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଏହାକୁ ପ୍ରୟୋଗ କରିବା ଉଚିତ । ଯେପରିକି ସକାଳେ ଉଠିବା ପରେ ମନେ କରନ୍ତୁ ଏହା ହେଉଛି ଆପଣଙ୍କ ଜୀବନର ଶେଷ ଦିନ । ଆଉ ନିଜ ଜୀବନର ଶେଷ ଦିନରେ ଆପଣ କଣ କରିବେ ତାର ଏକ ତାଲିକା ମନରେ ପ୍ରସ୍ତୁତ କରି ଦିଅନ୍ତୁ । ଏପରି ସ୍ଥଳେ ଆପଣ ସ୍ୱାଭାବିକ ଭାବେ ଅନ୍ୟମାନଙ୍କ ପ୍ରତି ଯଥାସମ୍ଭବ ବିନମ୍ର ହେବାକୁ ଚେଷ୍ଟା କରିବେ । ଆପଣଙ୍କ ବ୍ୟବହାର ପରିମାର୍ଜିତ ହୋଇଯିବ । ଏହା ସହ ମନରେ ଚିନ୍ତା କରନ୍ତୁ ଯେ ଜୀବନ ହେଉଛି ଈଶ୍ୱରଙ୍କ ବରଦାନ । ତାଙ୍କ ଇଚ୍ଛାରେ ଆମେ ଏ ପୃଥିବୀକୁ ଆସିଛୁ ଓ ତାଙ୍କ ଇଚ୍ଛାରେ ହିଁ ଆମେ ଏହି ପୃଥିବୀରୁ ବିଦାୟ ନେବା । ଆଉ ଜନ୍ମ ଓ ମୃତ୍ୟୁ ମଧ୍ୟରେ ସବୁ କାର୍ଯ୍ୟ କେବଳ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଥାଏ । ଏଣୁ ଆମେ କେବଳ ମାଧ୍ୟମ ଅଟୁ । ଏଥିପାଇଁ ଜୀବନର ପ୍ରତ୍ୟେକ କ୍ଷଣର ଆନନ୍ଦ ଉପଭୋଗ କରିବା ଉଚିତ । ଏଣୁ ପ୍ରତ୍ୟେକ ଦିନକୁ ଜୀବନର ଶେଷ ଦିନ ଭାବି କାର୍ଯ୍ୟ କରିବା ଉଚିତ । ଏହାଦ୍ୱାରା ଚାରିଆଡ଼େ ସ୍ନେହ, ପ୍ରେମ ଓ ଶାନ୍ତି ଭରିଯିବ । ଜୀବନ ମୃତ୍ୟୁ ପାଇଁ ପ୍ରସ୍ତୁତି । ଜନ୍ମଠାରୁ ପ୍ରତ୍ୟେକ ମୁହୂର୍ତ୍ତରେ ଜୀବନ କ୍ଷୟ ହେଉଛି । ନିଶ୍ୱାସେ ନାହିଁ ବିଶ୍ୱାସ । କେତେବେଳେ ଜୀବନ ଶେଷ ହେଇଯିବ ଏ ଜୀବନ ଅନିଶ୍ଚିତ ।ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କର ମୃତ୍ୟୁ ପାଇଁ ପ୍ରସ୍ତୁତ ଘଟଣା ବର୍ଣ୍ଣନା କରିବା, ସେ ମୃତ୍ୟୁଜୟୀ ଥିଲେ । ସକ୍ରେଟିସ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ତାଙ୍କ ବିରୁଦ୍ଧରେ କୁହାଗଲା ସେ ଯୁବ ସମ୍ପ୍ରଦାୟଙ୍କୁ ବିଭ୍ରାନ୍ତ କରୁଛନ୍ତି । ତାଙ୍କର ସମସାମୟିକ ବନ୍ଧୁ ପରାମର୍ଶ ଦେଲେ ଆପଣ କ୍ଷମା ମାଗନ୍ତୁ ମୃତ୍ୟୁଦଣ୍ଡ ଅପସାରିତ ହୋଇଯିବ । ସେ ନାସ୍ତି କଲେ । ସେ ଉତ୍ତର ଦେଲେ ମଣିଷ ଅମର ନୁହେଁ ଦିନେ ନା ଦିନେ ମୃତ୍ୟୁ ବରଣ କରିବ । ଆଜି କାହିଁକି ନୁହେଁ, ଏ ଜୀବନରେ କେହି ଅମରତ୍ୱ ପାଇନାହାଁନ୍ତି । ସଂଧ୍ୟା ଆସୀନ, ବିଷ ପାନ ଦେବା ବ୍ୟକ୍ତିକୁ ଡାକି ବିଷ ପ୍ରୟୋଗ କରିବାକୁ ବାଧ୍ୟ କଲେ । ବିଷ ପାନ କରି ସଂସାରରୁ ବିଦାୟ ନେଲେ । ଏହା ହିଁ ମୃତ୍ୟୁ ବିହୀନ ମୃତ୍ୟୁ । ସେ ମୃତ୍ୟୁକୁ ଜୟ କରି ଅକ୍ଷୟ ଧ୍ୱଜା ଉଡାଇ ଗଲେ ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

ବାର୍ଦ୍ଧକ୍ୟର ଗତିରୋଧ

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ । ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ । ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ । ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖୁଛି ବୋଲି ଗବେଷଣାରୁ ଜଣାପଡ଼ିଛି । ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି । ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି । ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି । ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ । ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ । ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର । ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ । କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା । ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ । ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ । ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ । କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରର କରେ । ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ । ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ । ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି । ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି । ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ । ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ । ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର । ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ । ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି । କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ । ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ । ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ । ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ । ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ । ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ । ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ । ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ । କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ । ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ । ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ । ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି । ପୋଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

ବାଲ୍ୟ ବିବାହ ଓ ସ୍ୱାସ୍ଥ୍ୟ ସମସ୍ୟା

ଡାକ୍ତର କାନ୍ତୀ ନାୟକ

ଆଜିର ସମୟରେ ଏକ ପ୍ରକାର ପୂର୍ବ ପ୍ରଥା କୁହାଯାଉଥବା ବାଲ୍ୟ ବିବାହ ମଧ୍ୟ ଗୋଟିଏ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେଉଛି । ବାଲ୍ୟ ବିବାହକୁ ନେଇ କେତେକ କ୍ଷେତ୍ରରେ ଝିଅଟି ପ୍ରଶାସନର ସାହାରା ନେଇ ନିଜ ଗୋଡରେ ପ୍ରଥମେ ଛିଡ଼ାହୋଇ ପରବର୍ତ୍ତୀ ସମୟରେ ବିବାହ ପରି ଏକ ମାଙ୍ଗଳିକ ବିଧି ବ୍ୟବସ୍ଥାରେ ନିଜକୁ ସାମିଲ କରୁଛି । ଅନେକ ହୁଏତ ଜାଣିନାହାଁନ୍ତି ଯେ ସମଗ୍ର ପୃଥିବୀର ସର୍ବମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି କିଶୋରୀ । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଭାରତରେ ୧୦-୨୦ ବର୍ଷ ମଧ୍ୟରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି । ଦୁଃଖଦ ଚିତ୍ରର ସଙ୍କେତଟି ହେଉଛି ଏହା ଯେ, ସେମାନଙ୍କ ମଧ୍ୟରୁ ୨୦ ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଞ୍ଛିତ ହୋଇଥାଏ । ଭାରତରେ ପ୍ରତି ବର୍ଷ ୩୦ ଲକ୍ଷ କିଶୋରୀ କନ୍ୟା ବିବାହ କରିଥାନ୍ତି ଏବଂ ସେମାନଙ୍କ ଭିତରୁ ଶତକଡ଼ା ୪୩ ଭାଗ ମୃତ୍ୟୁ ଗର୍ଭ ଯନ୍ତ୍ରଣା ଓ ଅସମୟରେ ସନ୍ତାନ ପ୍ରସବଜନିତ କାରଣରୁ ହୋଇଥାଏ । କିଶୋରୀ ଝିଅ ମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ନିକଟସ୍ଥ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ଗାଁ ଗହଳିରେ ଅଣତାଲିମ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ପରେ ସେପ୍ଟିକ ଆବୋରସନ୍‌ର ଶିକାର ହୁଅନ୍ତି । ଏହି ନକଲି ଡାକ୍ତରମାନେ ହଜାର ହ

ହାତ ମୁଠାରେ ସ୍ୱର୍ଗ

ରନୁକାନ୍ତି ମିଶ୍ର

ପୁଅର ମେଡିକାଲ ପାଠପଢା ଶେଷ ହେଲା ପରେ ବାପା ମା ଅଶ୍ୱସ୍ତ ହେଲେ ସିନା ବାପାମା ଙ୍କୁ ଦେଖା କରିବାକୁ ଆଉ ସମୟ ମିଳିଲାନି ପୁଅ ବିଭୁ ଙ୍କୁ । ଡାକ୍ତର ବିଭୁ ପ୍ରସାଦ ମିଶ୍ର, ନ୍ୟୁରୋ ମେଡିସିନ ଡାକ୍ତର ହିସାବରେ ଏବେ ଖୁବ୍ ନା ଡାକ । ଦିଲ୍ଲୀ ଏମ୍ସ ରେ କାର୍ଯ୍ୟରତ । ପ୍ରଚୁର ପଇସା ରୋଜଗାର । ଘରକୁ ଆସିବାକୁ ଆଉ ଫୁରସତ କାହିଁ ? ପ୍ରଥମେ ପ୍ରଥମେ ଫୋନରେ ଟିକେ କଥା ହେଉଥିଲେ ସେ । ହେଲେ ସେସବୁ ବି ଧିରେ ଧିରେ ବନ୍ଦ ହୋଇଗଲାଣି । ସେ ଆଉ ଆବଶ୍ୟକତା କରୁନାହାନ୍ତି ମା' ର ସ୍ନେହ ମମତାକୁ ଏବଂ ବୁଝିବାକୁ ଚାହୁଁ ନାହାନ୍ତି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବାପା ସୁଧାକର ମିଶ୍ରଙ୍କ ଆବେଗ କୁ । ଏମିତିକି ' ମୋ ପାଖକୁ ନହେଲେ ନାହିଁ, ତୋ ମା ପାଖକୁ କେତେବେଳେ କେମିତି ଟିକିଏ ଫୋନ୍ କରୁଥିବୁ' ର ଆକୁଳ ମିନତିକୁ ହେୟଜ୍ଞାନ କରି ସାରିଥିଲେ ସ୍ୱନାମଧନ୍ୟ ଡାକ୍ତର ବିଭୁ ପ୍ରସାଦ । ଆହୁରି ପ୍ରତିଷ୍ଠିତ ଏବଂ ରୋଜଗାର ନିଶାରେ ନିଜ ଦେଶ ଛାଡି ହଠାତ୍ ଆମେରିକା ଚାଲିଗଲେ ବିଦ୍ୱାନ ଡାକ୍ତର ବିଭୁ ପ୍ରସାଦ । ପଛରେ ରହିଗଲେ ଏକମାତ୍ର ପୁଅ କୁ ମଣିଷ କରି ଗଢିବାକୁ ଦିନେ ସ୍ୱପ୍ନ ଦେଖିଥିବା ସଂକଳ୍ପବଦ୍ଧ ବାପା ମା । ଅଭାବ ଅନାଟନ ଭିତରେ ସେମାନଙ୍କର ସ୍ୱପ୍ନ ତ ସାକାର ହେଲା, ହେଲେ ଏକୋଇର ବଳା ବିଶିକେଶନ ହାତ ଛଡା ହୋଇଗଲା ସେମାନଙ୍କୁ ଅବଜ୍ଞା କରି । କିଛି ଦିନ ପରେ ସେଇଠି ହିଁ ଜଣେ ବିଦେଶିନୀ ଙ୍କୁ ବିବାହ କରିଛନ୍ତି ବୋଲି ଖବର ପଠାଇ ଦେଲେ ବାପା ମା ଙ୍କୁ ।

ପୁଅ ବିଷୟରେ ଚିନ୍ତା କରି ଆପାତତଃ ଚୁପଚାପ୍ ର ?ହୁଥିବା ସୁନୀତି ଯେ ଧିରେ ଧିରେ ଅନ୍ୟମନସ୍କ ହୋଇ ଯାଉଛନ୍ତି ଅନୁଭବ କଲେ ସୁଧାକର ବାବୁ । କେବଳ ପୁଅ କଥା ଛାଡି ଆଉ ସବୁ କଥା ଯେମିତି ଭୁଲି ଆସୁଥିଲେ ସୁନୀତି ଦେବୀ । ଅସହାୟ ହୋଇ ପଡୁଥିଲେ ସୁଧାକର ବାବୁ । ଡାକ୍ତରଙ୍କ ପରାମର୍ଶ ପରେ ମା' ବ୍ରେନ୍ ଟ୍ୟୁମର ରେ ଆକ୍ରାନ୍ତ ହୋଇଛି ବୋଲି ପୁଅକୁ ଖବର ଜଣାଇଲେ ସୁଧାକର ବାବୁ । ହେଲେ ଜରୁରୀ କାମର ଆଳ ଦେଖାଇ ଏବେ ଯିବା ଆଣି ସମ୍ଭବ ନୁହେଁ ବୋଲି କୈଫତ ଦେଲେ ବିଭୁ । ଜଣେ ଡାକ୍ତର ବନ୍ଧୁ ଙ୍କ ଠିକଣା ଦେଇ ପରାମର୍ଶ ନେବାକୁ ବାପାଙ୍କୁ ବୁଝାଇ ଦେଲେ । ଅବଶ୍ୟ ନିହାତି କର୍ତ୍ତବ୍ୟ ମନେ କରି ଟଙ୍କା ପଠାଇବାକୁ ଭୁଲି ନଥିଲେ । ହେଲେ ଶ୍ରଦ୍ଧା ରହିତ କର୍ତ୍ତବ୍ୟ, ଯାତନା ସଦୃଶ ଅନୁଭବ ହୋଇଥିଲା ବାପା ମା ଙ୍କୁ । ସମର୍ପଣ ନଥିଲେ ଭକ୍ତି ତ ଛଳନା ମାତ୍ର । ତେଣୁ ସେଇ ଟଙ୍କାକୁ ସୁଧାକର ବାବୁ ଶେଷ ପର୍ଯ୍ୟନ୍ତ ସୁନୀତିଙ୍କ ଅନୁରୋଧରେ ଖର୍ଚ୍ଚ କରିବାକୁ ଇଚ୍ଛା କରି ନଥିଲେ ।

ଏକମାତ୍ର ପୁଅକୁ ଚାହିଁ ଚାହିଁ କ୍ୟାନ୍ସରରେ ପାଡ଼ିତା ମା ଶେଷ ନିଃଶ୍ୱାସ ତ୍ୟାଗ କଲେ ପଛେ ପୁଅକୁ ଶେଷଥର ପାଇଁ ଦେଖିବାର ଅଭୀପ୍ସା ପୂରଣ ହୋଇ ପାରିନଥିଲା । ସୁଧାକର ବାବୁ ଏ ଖବର ପୁଅକୁ ଜଣାଇଥିଲେ ବାଧ୍ୟ ହୋଇ । ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ଚାରି ଦିନ ପାଇଁ ଏକା ଗାଆଁକୁ ଆସି ମା'ର ଶେଷକୃତ୍ୟ ସଂପାଦନ କରି ଡାକ୍ତର ବିଭୁ ଫେରି ଯାଇଥିଲେ ନିଜସ୍ୱ ଦୁନିଆକୁ । ଯେମିତି ଯନ୍ତ୍ର ମଣିଷଟିଏ । ନା ଥିଲା କିଛି ଆବେଗ, ନା ଥିଲା ଆଉ ସେ ଆତ୍ମୀୟତାପୂର୍ଣ୍ଣ ଭାବ ବାପାଙ୍କ ସାଙ୍ଗରେ...! ଭିଟାମାଟି ସାଙ୍ଗରେ...!!

ଦିନେ କଡ଼ ଲେଉଟେଇଲା ସମୟ । ବିଭୁ ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କଲେ ବହୁତ ଦିନ ପରେ । ଛାଡପତ୍ର ଦେଇ ବିଦେଶିନୀ ପତ୍ନୀ ଅନ୍ୟତ୍ର ବିବାହ କରିଯିବା ପରେ ସେ ବୋଧହୁଏ ବୁଝି ପାରିଲେ ସମ୍ପର୍କର ସଂଜ୍ଞା । ଶାଶ୍ୱତ ପବିତ୍ର ସମ୍ପର୍କ ବ୍ୟତିରେକ ଜୀବନ କାଟିବା ଯେ ନିରର୍ଥକ ହୃଦୟଙ୍ଗମ କରି ପାରିଲେ ବହୁତ ଡେରିରେ । ଏବେ ପଶ୍ଚାତପରେ ବିଗଳିତ ମନକୁ ଶାନ୍ତ କରିବା ପାଇଁ ଆମେରିକା ଠାରୁ ନିଜ ଜନ୍ମସ୍ଥାନକୁ ଶ୍ରେୟସ୍କର ମଣିଲେ ଡାକ୍ତର ବିଭୁ ପ୍ରସାଦ ମିଶ୍ର ।

ଏତିକି ବେଳକୁ ମନେ ପଡିଲା ବାପାଙ୍କର କେଇ ପଦ କଥା ।' ଧନ ପଛରେ ଧାଇଁ ସାରିବୁନି ଅମୂଲ୍ୟ ସମୟ । ଲୋଭରେ ବିକିବୁନି ସଂସ୍କାର । ସ୍ୱାର୍ଥରେ ଜଳେଇବୁନି ସଂସାର । ମୋହରେ ହଜେଇ ଦେବୁ ମାନବିକତା । ଲାଳସାରେ ହରେଇବୁନି ସଂପର୍କ ।' ହେଲେ ବାପା ଙ୍କର ଏସବୁ ଉପଦେଶ ଅଣଦେଖା କରି ସବୁ ମୂଲ୍ୟବୋଧକୁ ଯେମିତି ତଳି ତଳାନ୍ତ କରି ସାରିଥିଲେ ବିଭୁ । ଇତି ମଧ୍ୟରେ ମାଟି କାନ୍ଥ ଥିବା ଘର ମଧ୍ୟ ଭୁଷୁଡି ପଡ଼ିଥିଲା ତାଙ୍କର ।ବାପା ନଥିଲେ ସେଠି । କେହି ଜଣେ ବିଭୁଙ୍କୁ ବତାଇ ଦେଲେ ପତ୍ନୀଙ୍କ ମୃତ୍ୟୁ ପରେ ପୁଅ କଥା ଭାବି ଭାବି ଦୁଶ୍ଚିନ୍ତାରେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଥିଲା । କ'ଣ ସବୁ ନିଜେ ନିଜେ ଗପନ୍ତି ସବୁବେଳେ । କେତେ ଦିନ ଆଗରୁ ସେ ହଠାତ୍ କେଉଁ ଆଡେ ଚାଲି ଯାଇଛନ୍ତି ବୋଲି । ମୁଣ୍ଡରେ ଯେମିତି ଚଡ଼କ ପଡିଲା । ସବୁକୁ ଅଣଦେଖା କରି ଆଗେଇ ଯାଇଥିବା ବିଭୁ ଏବେ ଫେରିଛନ୍ତି ପୁଣି ଇପ୍ସିତ ସ୍ୱର୍ଗ ପାଖକୁ । ତାଙ୍କ ପାଦପଦ୍ମ ତଳେ ମଥା ନଇଁବାକୁ...! ହେଲେ ସେ ଯେ ନିରୁଦ୍ଦିଷ୍ଟଙ୍କ!!

ରାତି ପ୍ରାୟ ଦଶଟା ବେଳକୁ ସାର୍ ଙ୍କୁ ତାଙ୍କ ଭଙ୍ଗାଘର ଢିଅରେ ଖୋଜି ପାଇଛି ବୋଲି ବିଭୁକୁ ଫୋନ୍ କରି ଜଣାଇଲା ତା'ର ପିଲାଦିନର ସାଙ୍ଗ ପବିତ୍ର । ବିଭୁ ଏକରକମ ଶିଡି ଶିଡି ଗଲା ଭଗ୍ନସ୍ତୁପରେ ପରିଣତ ହୋଇ ପଡିଥିବା ନିଜ ଭିଟାମାଟି ପାଖକୁ । ମୁହଁ ମାଡି ପଡିଥିଲେ ବାପା ।ପାଦରୁ ଚପଲ ପଟେ ଛିଣ୍ଡି ପଡିଥିଲା ଟିକିଏ ଦୂରରେ ।ଝୁଣ୍ଟି ପଡିଥିଲେ କି ବାପା ! ଆହା କହି ବାପାଙ୍କ ମଥାକୁ ତୋଳି ଧରିଲା ତ ଦିଶିଲା ବାପାଙ୍କ ନାକରୁ ପାଟିରୁ ରକ୍ତ ଧାର ବୋହି ଶୁଖି ଯାଇଛି । ବାପା ଆଉ ଜୀବିତ ନଥିଲେ ।

ବାପା ଙ୍କ କାନ୍ଧରେ ସେମିତି ଥିଲା ତାଙ୍କର ଝୁଲା ବ୍ୟାଗ୍ । ଭିତରେ ଅନ୍ୟାନ୍ୟ କାଗଜପତ୍ର ସହିତ ସୁରକ୍ଷିତ ଥିଲା ବିଭୁର ପିଲାଦିନର କେତୋଟି ଫଟୋ । ସେଥିରେ ବି ଥିଲା ବାପାଙ୍କ କାନ୍ଧରେ ହସ ହସ ମୁହଁରେ ବସିଥିବା ବିଭୁ ର ଫଟୋ ।ପିଲାଦିନ କଥା ମନେ ପଡିଲା । ସେ ପାଞ୍ଚ ଛଅ ବର୍ଷର ହୋଇଥିବ ସେତେବେଳକୁ ।ବହୁ ବ୍ରତ ମାନସିକ କରି ଈଶ୍ୱରଙ୍କ କୃପାରୁ ବିଭୁ କୁ ପାଇଥିଲେ ବୋଲି, ତାକୁ ନେଇ ଶିବ ଶଙ୍କରଙ୍କ ଦର୍ଶନ ପାଇଁ ବାପା ମା କପିଳାସ ଯାଉଥିଲେ । ସେ ପାହାଚ୍ ପରେ ପାହାଚ୍ ଚଢୁଥିଲା । ହେଲେ ଅଳ୍ପ କେଇଟା ପାହାଚ୍ ପରେ ସେ ଝୁଣ୍ଟି ପଡିଥିଲା ବୋଲି ବାକି ତକ ପାହାଚ୍ ତାକୁ ଆଉ ଚଢ଼ିବାକୁ ଛାଡି ନଥିଲେ ବାପା ମା ।ତା'ପରଠୁ ସେ କେତେବେଳେ ଥିଲା ମା କାଖରେ ତ କେତେବେଳେ ବାପାଙ୍କ କାନ୍ଧରେ । ହେଲେ ସେଇ ବାପା ଜୀବନର ଚଳାପଥରେ ଚାଲୁଚାଲୁ ଏମିତି ଝୁଣ୍ଟି ପଡିଲେ ଯେ ଆଉ ଉଠିବାକୁ ତାକତ ପାଇଲେ ନାହିଁ । କେହି ପାଖରେ ନଥିଲେ ବି ଆହା କହି ତୋଳି ଧରିବାକୁ । ଦୁଃଖରେ ମ୍ରିୟମାଣ ବିଭୁ ନିଜକୁ ଶତ ଧିକ୍କାର କରୁଥିଲେ । ଏତିକି ବେଳକୁ ବିଭୁଙ୍କର ମନେ ପଡିଲା ବାପାଙ୍କର ଗୋଟିଏ ଅମୂଲ୍ୟ କଥା । ' ତୋ ହାତ ମୁଠାରେ ସ୍ୱର୍ଗ,ତୁ ଅନୁଭବ କରି ପାରିଲେ ହେଲା ।' ହେଲେ ଆଜି ସେ ଅନୁଭବ କଲାବେଳକୁ ସେଇ ସ୍ୱର୍ଗ ଆଜି ତା' ଠାରୁ ଢେର ଦୂରରେ..!!

ଆଳି, କେନ୍ଦ୍ରାପଡା

ଛୋପରୀ

ବିପ୍ଳବ

ହମ୍ପସ୍ ଆସିଲା ହମ୍ପସ୍...
ଚିଲ୍ଲେଇଲା ମିଷ୍ଟି ମିଶ୍ର ।
ବଜାର ଏରିଆ । ଖଚାଖଚ୍ ଭିଡ଼ । ସମସ୍ତଙ୍କ ଦୃଷ୍ଟି ଦୁହିଁଙ୍କ ଆଡ଼କୁ । ଦୁଇ ପଟେ ସ୍ଥାୟୀ ଦୋକାନ ଠୁଁ ଅସ୍ଥାୟୀ ଦୋକାନ ଅଧିକ । ଲୋକ ହାଉ ଯାଉ ।
ଶକ୍ତି ମିଶ୍ର ଗିଅର ବଦଳେଇଲା ।
- ଗାଡ଼ି ରଖିବ ନା ଡେଇଁ ପଡିବି ?
ମିଷ୍ଟି ମିଶ୍ରର ଧମକ ।
ଗାଡ଼ି ବେଗ କମି ଆସିଲା ।
ମିଷ୍ଟି ମିଶ୍ର ଆଗକୁ ଝୁଙ୍କି ଶକ୍ତି ମିଶ୍ର ପିଠିରେ ଲଦି ହୋଇଗଲା ଯେମିତି ଓଦରେ ଫୁଲ । ଶକ୍ତି କିଛି ଭାବିବା ପୂର୍ବରୁ ବୁଲେଟ୍ ଚାବି କାଢି ନେଲା । ?
- ଆରେ କ'ଣ ହେଲା ?
ହମ୍ପସ୍ ବୋଲି ସ୍ଲୋ ଆଣିଲି । ତମ ମୋ ଭିତରେ ଯଥେଷ୍ଟ ଗ୍ୟାପ୍ ଥିଲା । ତମେ ଝୁଙ୍କି ପଡିଲ ବାଲାନ୍ସ ଫେଲ୍ ହୋଇ । ମୋର କ'ଣ ଦୋଷ ?
ଶକ୍ତି ମିଶ୍ର ନିଜ ନିରଦ୍‌ଦୋଷର ପକ୍ଷ ରଖୁଥିଲା ।
- କିଏ କହୁଥିଲା ଗାଡ଼ି ସ୍ଲୋ କରି ଗ୍ୟାପ୍ ରଖିବାକୁ ?
ମିଷ୍ଟି ମିଶ୍ର ଦୋହଲି ଯାଉଥିଲା ଦଳକାଏ ପବନରେ କାଶତଣ୍ଡି ଦୋହଲିବା ପରି ।
ବଡ ଅଜବ ଝିଅ ।
ମନକୁ ମନ କହି ହେଲା ଶକ୍ତି ମିଶ୍ର ।
- ମୁଁ ଜାଣେ ତମେ କାହିଁକି ସ୍ଲୋ କଲ ?
ଶକ୍ତି ମିଶ୍ର ନିରୁତ୍ତର ।
- ତମକୁ ଶୁଭୁଛି ନା ନାଇଁ ?
-ହଁ ମ
- ଗାଈ ପରି ହମ ହମ ହୁଅନି । ମୋତେ ପଚ୍ଚାର କାହିଁକି ସ୍ଲୋ କଲ ।
- କାହିଁକି ସ୍ଲୋ କଲି ?
- କାଳେ ହମ୍ପସ ରେ ସ୍ୱାଡ କଲେ ମୁଁ ତମର ଆହୁରି ପାଖକୁ ଲାଗି ଯିବି ଆଉ ଆମ ଭିତରେ ପ୍ରେମ ହେଇଯିବ !
ଶକ୍ତି ମିଶ୍ର ଆଁ କରି ଆକାଶକୁ ଚାହିଁଲା ।
- ଦେଖ , ଆକାଶକୁ । ପାଚିଲା ଜାମୁକୋଳି ପରି ଗାଢ଼ ମେଘ । ଆଜି ନ୍ୟୁଜ ଦେଖିଚ ନା , ପ୍ରବଳ ବର୍ଷା ହେବ । ମୁଁ ତମକୁ ନେଇ ହଷ୍ଟେଲରେ ଛାଡି ଆସେ ।
- ମୁଁ ଏବେ ଜାଣୁଛି କାହିଁକି ସ୍ଲୋ କଲ ?
- କାରଣ ଥରେ କହି ସାରିଚ । ବସ ବାବା ।
- ତମେ ଚାହିଁ ସ୍ଲୋ ଗଲେ ବର୍ଷା ହେବ । ଆଉ ମେଘ ପାଣି ଆସି ମୋତେ ଛୁଇଁ ଯାଉ । ମୁଁ ଓଦା ହୁଏ ଆଉ ମୋତେ ଜ୍ୱର ହେଉ ।
- ଆରେ ବର୍ଷା ହେଲେ କଣ ତମେ ଖାଲି ଓଦା ହେବ ? ମୁଁ ଓଦା ହେବିନି ନା ମୋତେ ଜ୍ୱର ହେବନି ? ମୋ ଦେହ କଣ ହାଡ଼ ମାଂସରେ ତିଆରି ନୁହେଁ ?
- ନା... ତମ ଦେହ ହାଡ଼ ମାଂସରେ ତିଆରି ନୁହେଁ, ଭଙ୍ଗା ଲୁହ ଟିଣରେ ତିଆରି । ସେଥିପାଇଁ ରଜନୀଗନ୍ଧାର ମହକ ତମେ ଅନୁଭବ କରି ପାରୁନ ।
- କାଇଁ ରଜନୀଗନ୍ଧା ?
ଆଶ୍ଚର୍ଯ୍ୟହୋଇ ଚାହିଁଲା ଶକ୍ତି ମିଶ୍ର ।
- ମୁଁ ଆଉ କଣ କି ?
ଫିକ୍ କିନା ହସିଦେଲା ମିଷ୍ଟି ମିଶ୍ର ।
ଶକ୍ତି ମିଶ୍ର କାନ୍ଦିବ ନା ହସିବ ?
- ଲଙ୍ଗ ଡ୍ରାଇଭରେ ଯିବାକୁ କହିଲି ବୋଲି ରାଗୁଛ ନା ?
- ରାଗୁନି ବାବା,ଚାବି ଦିଅ ଆଉ ବସ ବାଇକ୍ ରେ । ଜାଣିଛ କେତେ ସମୟ ବୁଲିଲେଣି, କେତେ କ୍ଲାସ୍ ମିସ୍ ହେଲାଣି ତମର ? ତମକୁ ଛାଡି ବାବାଙ୍କ ଅଫିସ୍ ଯାଇ ପିକ୍ସ କରିବି । ସେ ଆଜି ଅଟୋରେ ଯାଇଛନ୍ତି ଅଫିସ୍ ।
ବିଜୁଳି ଅଳ୍ପ ଅଳ୍ପ ମାରିବା ଆରମ୍ଭ ହେଲା ।
ଶକ୍ତି ମିଶ୍ର ହାତ ଘଣ୍ଟାକୁ ଚାହିଁଲା ।
ସାଢ଼େ ଚାରି ଉପରେ ।
ସୂର୍ଯ୍ୟ ଅସ୍ତ ପାଇଁ ଆହୁରି ସମୟ ବାକି । ପାଗ ବି କାଆଁଳା ଅଛି ।
ମାଘର ମେଘ ବଡ଼ ବେଦରଦୀ ।ଯଦି ଅସରାଏ ବର୍ଷି ଯିବ ତେବେ ଶୀତକୁ ସହିବା ବଡ଼ ମୁସ୍କିଲ ।
ଶକ୍ତି ମିଶ୍ର ପୁଣି ଥରେ ଘଣ୍ଟାକୁ ଚାହିଁଲା ।
- ଆରେ କାହାକୁ କଥା ଦେଇଛ ନା କଣ ? ଏମିତି ଘଣ୍ଟା ଦେଖୁଛ ବାରମ୍ବାର ? ହଉ ଚାବି ଧର ବାବା । ତମ ମୁଣ୍ଡ କାମ କରୁନି ପା ମୁଁ ଚାବି ରଖିଲେ ।
ଶକ୍ତି ମିଶ୍ର ମୁଣ୍ଡ ଚୁଟି ଭିତରେ ଆଙ୍ଗୁଠି ପୁରେଇ ସଲ ସଲ କଲା ମିଷ୍ଟି ମିଶ୍ର ।
- ମୁଣ୍ଡ କେମିତି କାମ କରିବ ? ବାପାଙ୍କ ଅଫିସ ଟାଇମ ଓଭର । ଚାରି ଆଡ ? ଅନ୍ଧାର, ଆକାଶରେ ମେଘ ଆଉ ବାଇକରେ ମିଷ୍ଟି ।
- ଇସସ୍... ତମେ ତ କବି ହେଇ ଗଲଣି ମୋତେ ପ୍ରେମ କରି ।
-ବାବାଙ୍କ କଲ୍ ଆସିଗଲେ ତମ ଛୋପରୀ ହେବା ଛାଡିଯିବ ।
- ମୁଁ ଛୋପରୀ ହେଲେ ତମେ ଛୋପରା ।
ଶକ୍ତି ମିଶ୍ର କିଛି ଜବାବ୍ ଦେଲାନି ।
ଗାଡ଼ି ଷ୍ଟାର୍ଟ କଲା ।
ମେରାଇନ୍ ଡ୍ରାଇଭ୍ ।
ସୁ ସୁ ଶୁଭୁଥିଲା ସମୁଦ୍ର ଗର୍ଜନ ।
ଝାଉଁ ଗଛ ସବୁ ଦୋହଲୁଥିଲେ ମଦୁଆ ବରଯାତ୍ରୀ ପରି । ରାଇଁ ରାଇଁ ଗର୍ଜୁଥିଲା ବୁଲେଟ୍ ।
ଆରମ୍ଭ ହେଲା କୁଣ୍ଡା ଝଡ଼ା ବର୍ଷା ।
ସେ ବର୍ଷାରେ ଜଳ କଣା ଥିଲା କି ନାଇଁ କେଜାଣି ?
ଦଳକାଏ ପବନରେ ସବୁ ବାଷ୍ପ ହେଇ ଯାଉଥିଲା ଯେମିତି ତତଲା ତାୱାରେ କେଇ ବୁନ୍ଦା ପାଣି ।
ପାଖରେ ଘର କି ଗାଁ କିଛି ଦିଶୁ ନଥିଲା । ଖାଲି ଝାଉଁ ବୁଦା ।
- ପ୍ଲିଜ୍, ଗାଡି ରଖ ଟିକେ ।
- ନା.. କଦାପି ନୁହେଁ ।
ଯେତେ ବୁଲିବା କଥା ବୁଲ । ଲଙ୍ଗ ଡ୍ରାଇଭ ତମର ପସନ୍ଦ ନା ...
- ପ୍ଲିଜ୍ ଶକ୍ତି.. ମୋ କଥା ଟିକେ ଶୁଣ । ମୁଁ ତମ ସହ ଯାଇ ପାରିବିନି ।
ଡବଲ ଡିସ୍କ ବ୍ରେକ୍ ମାରିଲା ଶକ୍ତି ମିଶ୍ର ।
କେହି ଗୋଡ଼ ଜାବୁଡ଼ି ଧରିଲା ପରି ଠିଆ ହେଲା ବୁଲେଟ୍ ।
- ମାନେ ?
ତଳକୁ ଡେଇଁ ପଡିଲା ମିଷ୍ଟି ମିଶ୍ର ।
- ଆରେ କ'ଣ ହେଲା ?
- କିଛି ନାଇଁ । ମୁଁ କହିଲି ନା...
- ସରି ବାବା । ଗାଡ଼ି ରଖିଲି ତ । ମୁଁ ଶୋଧା ଖାଇଲେ ଖାଇବି ଯୁଆଡେ ଯିବା କଥା ଚାଲ । ଆରେ ସଞ୍ଜ ହୋଇଯିବ । ଏ ରାସ୍ତା ଆମ ପାଇଁ ସେଫ ନୁହେଁ । ତମେ କ'ଣ ବୁଝି ପାରୁନ ?
- ତମେ ବୁଝି ପାରୁନ ।
- ମାନେ ?
- ଛେନା
- କ'ଣ ଛେନା ?
ଦି ହାତ ଆଙ୍ଗୁଠିରେ ରାମ୍ପୁଡି ଦେଲା ପରି ଶକ୍ତି ମିଶ୍ର ଆଡକୁ ଚିହିଁକି ଗଲା ମିଷ୍ଟି ମିଶ୍ର ।
- କ'ଣ ଯେ ତମର ପ୍ରୋବଲେମ୍ ବୁଝି ପାରୁନି ମୁଁ ।
- ପ୍ରୋବଲେମ୍ ହେଲା, ବୁଝି ପାରିଲ ଏଥର ? ତିନି ଦିନ ଆହୁରି ଡେଟ୍ ଅଛି । ଶକ୍ତି ମିଶ୍ର ମୁଣ୍ଡରେ ହାତ ଦେଇ ବସିଲା । ଏବେ ଲାଜେଇ ଯାଇ ବୁଲି ପଡ଼ିଲା ମିଷ୍ଟି ମିଶ୍ର ।
- ତାହାଲେ ତମେ କଣ ଏଇଠୁ ଚାଲି ଚାଲି ଯିବ ?
- ଆରେ ଡ୍ରେସ୍ ଚେଞ୍ଜ କରିବାର ଅଛି । ପାଖରେ କୋଉଠି ହୋଟେଲ୍ କି ଲଜ୍ ଅଛି ଦୁଇଘଣ୍ଟା ପାଇଁ ବୁକ୍ କର ପ୍ଲିଜ୍ ।
ହରଡ ଘଣାରେ ଶକ୍ତି ମିଶ୍ର ।
- ନୂଆ ଡ୍ରେସ୍ ପାଇଁ ଏତେ ଲିକୁଇଡ କ୍ୟାସ ମୋ ପାଖରେ ନାଇଁ । ହଜାରେ ଦି ହଜାର ଥିବ ।
- ମୋ ଫୋନ୍ ପେ ରେ ଅଛି । ଡାଡ୍ ଟ୍ରାନସଫର୍ କରିଥିଲେ କଲେଜ୍ ଡିଉଜ୍ ପାଇଁ । ପ୍ଲିଜ୍ ଜଲଦି କିଛି କର ।
ଦୂରରୁ ଅଟୋ ଟିଏ ଆସୁଥିଲା । ହାତ ମାରିଲା ଶକ୍ତି ମିଶ୍ର ।
- ଭାଇ, ଏଇ ଆଖ ପାଖରେ କୋଉଠି ହୋଟେଲ୍ କି ବଜାର ଅଛି କି ?
- ବେଶି ବାଟ ନୁହେଁ । ଦୁଇ କିଲୋ ମିଟର ହେବ ।
ଗାଡ଼ି ଷ୍ଟାର୍ଟ ମାରିଲା ଶକ୍ତି ମିଶ୍ର ।
ବସିବା ପାଇଁ ଇଶାରା ଦେଲା ।
- ତମର କିଛି ଅସୁବିଧା ନାଇଁ ନା ?
- ପୁରୁଷଙ୍କର କିଛି ଅସୁବିଧା ନଥାଏ ।
- ଛୋପରା
- ଛୋପରୀ.....
ଠିକ୍ ତ ।
ଅଟୋ ବାଲା ଠିକ୍ ଲୋକ ।
ହେଇ ତ ସି ବିଚ୍ ଲଜ୍ ।
ଚିକଣ ଝିଅଟିଏ ରିସିପସିନିଷ୍ଟ ।
ଶକ୍ତି ମିଶ୍ର ଆଧାର କାର୍ଡ ଦେଖେଇ ରୁମ୍ ବୁକ୍ କଲା ।
- ଶୁଣ, ଲକ୍ କରି ଚାବି ନେଇ ଯାଅ । ଜଲ୍‌ଦୀ ଆସିବ । ତମ ଫୋନ୍ ଦେଇ ମୋ ଟା ନେଇ ଯାଅ । ଅଧିକ କ୍ୟାସ୍ ଦରକାର ହୋଇପାରେ ? ପାସ୍ ୱାର୍ଡ ଜାଣିଛ ନା..
ଅଧ ଘଣ୍ଟାଏ ଭିତରେ ଫେରି ଆସିଲା ଶକ୍ତି ମିଶ୍ର । ହୋଟେଲ୍ ସାମ୍ନା ରାସ୍ତା ଗହଳି ଦିଶୁଥିଲା । କିଛି ବାଇକ୍ ଆଉ ଚାରି ଚକିଆ ଗାଡ଼ି ବେପରୁଆ ଭାବରେ ରାସ୍ତାକୁ ଅବରୋଧ କରି ଥୁଆ ହେଇଥିଲା ।
ଶକ୍ତି ମିଶ୍ର ଛାତି ଧଡ୍ ଧଡ୍ ହେଲା ।
- କଣ ହୋଇପାରେ ଘଟଣା !
ଗାଡି ସ୍ଲୋ କଲା ।
- ଭାଇ କଣ ହେଇଚି ଏଠି ?
ଜଣେ ଅଜଣା ବ୍ୟକ୍ତିଙ୍କୁ ପ୍ରଶ୍ନ କଲା ଶକ୍ତି ମିଶ୍ର ।
- ସେକ୍ସ ରାକେଟ ଚାଲିଥିଲା ଭାଇ, ପୋଲିସ୍ ଅଭିଯୋଗ ପାଇ ରେଡ୍ ମାରିଚି ।
ଶକ୍ତି ମିଶ୍ର କାନ ମୁଣ୍ଡା ଭାଁ ଭାଁ ହେଇଗଲା । ସତ ।
ଭିତରେ ପୋଲିସ୍ ଗାଡ଼ି ପାର୍କିଂ ।
ଗାଡ଼ି ଷ୍ଟାଣ୍ଡ ମାରି ଭିତରକୁ ବିକଳ ହୋଇ ଶିଡିଲା ଶକ୍ତି ମିଶ୍ର ।
ଦୁଇଜଣ ପୋଲିସ୍ କର୍ମଚାରୀ ତାକୁ ଅଟକେଇଲେ ।
- ଭିତରକୁ ଆଲାଉ ନାହିଁ ।
- ସତ କହୁଚି ସାର୍ ଆମେ ସେମିତି ନୁହଁ । ଏଠି ରାକେଟ ଚାଲୁଛି ବୋଲି ଆମେ ଜାଣିନୁ । କେବଳ ବୁଲିବାକୁ ଆସିଥିଲୁ ।
ଜଣେ କନେଷ୍ଟବଳ ତାସ୍ଲ୍ୟ କଲା ।
- ବୁଲିବା ଆଉ କଣ କି, ଏଇ ଦେହ ସୁଖ ତ । ଓଃ.. ହାତରେ ନୂଆ ଡ୍ରେସ୍ ।
ଦୁଇ ଜଣ ଲେଡି କନେଷ୍ଟବଳ ମିଷ୍ଟି ମିଶ୍ରକୁ ଜାବୁଡି ଧରି ଥିଲେ ।
ଶକ୍ତି ମିଶ୍ର ଦୁହିଙ୍କ ଗୋଡ଼ ଜାବୁଡି ଧରିଲା ।
- ପ୍ଲିଜ୍ ମାମ, ସେ ସେମିତି ନୁହଁନ୍ତି ।
- ତମେ କିଏ ?
ଶକ୍ତି ମିଶ୍ର କିଛି କହିବା ଆଗରୁ ମିଷ୍ଟି ମିଶ୍ର କହିଲା - ମୁଁ ଯାଙ୍କୁ ଜାଣେନି ।
ଶକ୍ତି ମିଶ୍ର ସେମିତି ପ୍ଲିଜ କହି କହି ଦୁହିଙ୍କୁ ଅଟକେଇବାକୁ ଚେଷ୍ଟା କରୁଥିଲା ।
ମିଷ୍ଟି ମିଶ୍ର ଆଖିରେ ଧାର ଧାର ଲୁହ ।
- ପ୍ଲିଜ୍ ଗାଡ଼ି ନେଇ ଯାଅ । ଅଙ୍କଲଙ୍କ ଅଫିସ ଛୁଟି ହେଇ ଯିବଣି ।
ଶକ୍ତି ମିଶ୍ର ଭୋ ଭୋ ହୋଇ କାନ୍ଦୁଥିଲା ।
ଜଣେ କନେଷ୍ଟବଳ ତା ହାତ ଧରି ଭିଡୁଥିଲା । ଝିପ୍ ଝିପ୍ ବର୍ଷା ଆରମ୍ଭ ହୋଇଗଲା । ଯେମିତି ଶ୍ରାବଣର ସବୁ ମେଘ ଶକ୍ତି ମିଶ୍ର ଆଖିରେ ।

ମଜୁଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

ଏ ମନ ଦର୍ପଣେ

ନିରଞ୍ଜନ ସାହୁ

ମୋ ମନରେ ତୁମେ ସର୍ବଦା ରହିଛ
ତୁମ ମନେ ମୁଁ କି ଅଛି
କହିବ କି ମୋତେ ହୃଦୟ ଖୋଲିକି
ସତ କଥାଟିକୁ ବାଛି ।
ମୋ ମନ ବୁଝିବା ଭଳିଆ ନ କହି
ଅନ୍ତରକୁ ଖୋଲି ଦିଅ



ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଲମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍ଲା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିବା ବେଳେ ବର୍ଷଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି । ଚିତ୍ରଗୁଡ଼ିକ ବର୍ଷଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା । ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ । ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ ।

ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ

କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ । କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ । କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା । ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ । ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା ।

ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ ।

ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍

କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି । ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି । ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି । ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଡ କୁଡ ଆବର୍ଜନା ପଡିରହିଛି । ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି । ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ । ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ । ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ



କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି । ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ । ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି । ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି । ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି । ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି । ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି । ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି । ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ।

ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର । ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ । ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର । ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂର

ମୋ ସହର

ସିନାପାଲିରେ ୨୫୧ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଆରମ୍ଭ, ପ୍ରତ୍ୟହ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ

ବଲାଙ୍ଗିର/ସିନାପାଲି, (ପି.ଏନ): ସିନାପାଲି ଗାୟତ୍ରୀ ଶକ୍ତିପୀଠର ଆନୁକୂଲ୍ୟରେ ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ବିରାଟ କଳସ ଶୋଭାଯାତ୍ରା ମାଧ୍ୟମରେ ଭବ୍ୟ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗୁରୁବାର ଶୁଭ ଉଦଘାଟନ ହୋଇଯାଇଛି । ଏହି ଶୋଭାଯାତ୍ରାରେ ଏକାବନ ଶହ ମହିଳା ପୂର୍ଣ୍ଣ କଳସ, ଏକୋଇଶ ଶହ ପୁରୁଷ ସତ୍ ସାହିତ୍ୟ ଧାରଣ କରିଥିଲେ । ଯଜ୍ଞର ମୁଖ୍ୟ ଯଜମାନ ଗଜାନନ ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲ ମୁଖ୍ୟ କଳସ ଏବଂ ସିନାପାଲି ଶକ୍ତିପୀଠର ସଭାପତି ଶଶିଭୂଷଣ ମାଝୀ ଓ ତାଙ୍କ ଧର୍ମପତ୍ନୀ କାଂଚନ ମାଝୀ ଶକ୍ତି କଳସ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଂଟ, ସଂକୀର୍ତନ, ଘୁମୁରା ଆଦି ପାରମ୍ପରିକ ସାଂସ୍କୃତିକ ଦଳ ସହ ବିଭିନ୍ନ ଅନୁଷ୍ଠାନର ପ୍ରଦର୍ଶନୀ ମେଢ଼ ସାମିଲ ହୋଇଥିଲେ । ସକାଳୁ ସମସ୍ତେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଏକତ୍ରିତ ହେବା ପରେ ସେଠାରୁ ଉଦନ୍ତୀ ନଦୀକୁ ଯାଇ ଅଭିମନ୍ତ୍ରିତ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରା ମାଧ୍ୟମରେ ସିନାପାଲି ନଗର ପରିକ୍ରମା କଲା ପରେ ଯଜ୍ଞସ୍ଥଳରେ ପହଂଚିଥିଲେ । ଏହାପରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରଜ୍ଞା ପୁରୁଷ ପ୍ରଫେସର ପ୍ରମୋଦ ଭଟ୍ଟନାଗର, ବେଦ ଗବେଷକ ଗାୟତ୍ରୀ କିଶୋର ତ୍ରିବେଦୀ, ଡକ୍ଟର ଜିତେନ୍ଦ୍ର ମିଶ୍ର, ଓଡ଼ିଶା ପ୍ରଭାରି ଶେଷଦେବ ବଢ଼େଇ, ଉପପ୍ରଭାରି ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ମହାଯଜ୍ଞର ଶୁଭ ଉଦଘାଟନ କରାଯାଇଥିଲା । ଏହା ପରେ ସାମୁହିକ ଅନ୍ନ ଭୋଜନ କରାଯାଇଥିଲା । ସଂଧାରେ ଶାନ୍ତିକୁଞ୍ଜରୁ ଆସିଥିବା ଆନ୍ତର୍ଜାତୀୟ ଟୋଲି ଦ୍ୱାରା ଯୁଗ ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଅଂଚଳରୁ ଆସିଥିବା ପ୍ରାୟ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ଏବଂ ମହାମାରୀ କରୋନା ପରେ ଭାରତରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ଐତିହାସିକ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଗୁରୁବାର ଠାରୁ ଆସନ୍ତା ରବିବାର ଯାଏଁ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏହି ମହାଯଜ୍ଞରେ ମୋଟ ୭୫୩ ଜଣ ଦମ୍ପତି କର୍ତା ଦାୟିତ୍ୱରେ ରହିଥିବା ବେଳେ ପ୍ରତ୍ୟହ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଆହୁତି ଦେବେ ବୋଲି ଯଜ୍ଞ କମିଟି ତରଫରୁ ଆକଳନ କରାଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳରୁ ଆସିଥିବା ଗାୟତ୍ରୀ ପରିଜନ ଏବଂ ସ୍ଥାନୀୟ ଶକ୍ତିପୀଠର ଭାଇଭଉଣୀ ଓ ସିନାପାଲି ଅଂଚଳର ବିଭିନ୍ନ ଅନୁଷ୍ଠାନ, ସଂଘ, କ୍ଲବର ହଜାର ହଜାର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ବ୍ୟାପକତାକୁ ଦେଖି ପୁଲିସ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଦଲାଲଙ୍କ କବ୍ଜାରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟ

ସାଲେପୁର,(ପି.ଏନ): କର୍ମଚାରୀ ନୁହଁନ୍ତି ହେଲେ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଛନ୍ତି ଦଲାଲ । ଯାହାଫଳରେ ରାଜ୍ୟ ସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଯାହାକି ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ଚାଲିଥିବା ଅଭିଯୋଗ ହେଉଛି । କେବଳ ତହସିଲ କାର୍ଯ୍ୟାଳୟ ନୁହେଁ କେତେକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟ ଦଲାଲଙ୍କ କବ୍ଜାରେ ରହିଛି । ଏହି ଦଲାଲମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର କର୍ମଚାରୀ ନୁହଁନ୍ତି । ହେଲେ ଏମାନଙ୍କ ନିକଟରେ କାର୍ଯ୍ୟାଳୟର ଚାବି ରହିଥିଲା ବେଳେ କର୍ମଚାରୀଙ୍କ ପରି ଏମାନେ ରେକର୍ଡପତ୍ର କାମ କରିଥାଆନ୍ତି । ରାଜସ୍ୱ ନିରୀକ୍ଷକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଏମାନେ ମଧ୍ୟସ୍ଥି ସାଜି କାମ କରନ୍ତି । ଇଟାଭାଟି ପୋଡା ହେଉ କିମ୍ବା ବିଲରୁ ମାଟି ଉଠୁ, ସରକାରୀ ଜମାରୁ ଗଛ କଟାଯାଉ ଏପରିକି ରେକର୍ଡପତ୍ରର ସଂଶୋଧନ କାର୍ଯ୍ୟରେ ବି ଦଲାଲମାନେ ସହଯୋଗ କରିଥାଆନ୍ତି ।

ବଲାଙ୍ଗିର ଜିଲ୍ଲାରେ ଗାଈ ମାନଙ୍କ ଠାରେ ଲାମ୍ପି ରୋଗ ବ୍ୟାପିଛି : ବିପଦରେ ଗୋବଂଶ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲାରେ ଏବେ ଭୁତାଣୁଜନିତ ସଂକ୍ରମିତ ଚର୍ମ ରୋଗ ଲାମ୍ପି ଚାରିଆଡ଼େ ଆତଙ୍କ ଖେଳାଇଦେଇଛି । ଏହି ରୋଗରେ ଆକ୍ରାନ୍ତ ହୋଇ ଗାଈ ଗୋରୁ ମାନେ ମୃତ୍ୟୁ ମୁଖରେ ପଡିଛନ୍ତି । ଅବଶ୍ୟ ଏ ସମ୍ପର୍କରେ ପ୍ରାଣିଧନ ଚିକିତ୍ସା ବିଭାଗକୁ କୌଣସି ଖୋଜଖବର ନାହିଁ । ଏ ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିବାକୁ ଯାଉଥିବା ବେଳେ ଲୋକଙ୍କୁ ଆମ ପାଖରେ କିଛି ଖବର ନାହିଁ, ଏଭଳି ଉତର ଦେଇଥିଲେ ଜିଲ୍ଲା ମୁଖ୍ୟ ପ୍ରାଣିଧନ ଚିକିତ୍ସକ ।ବଲାଙ୍ଗିର ଜିଲ୍ଲାରେ ଗାଈ ମାନଙ୍କ ଠାରେ ଲାମ୍ପି ରୋଗ ବ୍ୟାପିଛି । ଏହି ରୋଗରେ ପୀଡିତ ହୋଇ ବଲାଙ୍ଗିର ସହର ଉପକଣ୍ଠ ବିଯାଖମନ ଗ୍ରାମରେ ଗତ ଏକ ସପ୍ତାହ ମଧ୍ୟରେ ୧୧ ଟି ଗାଈ ପ୍ରାଣ ହରାଇଥିବା ନେଇ ସାଙ୍ଘାତିକ ଅଭିଯୋଗ ଆସିଛି । ସମୟ ପୂର୍ବରୁ ଟୀକାକରଣ ନହେବା ଓ ସଚେତନତାର ଅଭାବ ଯୋଗୁଁ ଜିଲ୍ଲାରେ ଏଭଳି ପରିସ୍ଥିତି ଉପୁଜିଥିବା ନେଇ ପଶୁପ୍ରେମୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ସୂଚନାଯୋଗ୍ୟ, ଲାମ୍ପି ରୋଗ ଜୀବାଣୁ ନିହିତ ରୋଗ ଅଟେ । ମଶା, ମାଛି ଦ୍ୱାରା ଏହି ରୋଗ ବ୍ୟାପିଥାଏ । ଏହି ରୋଗ ହେଲେ ଗାଈ ମାନଙ୍କ ଶରୀରରେ ଚକଡ଼ା ହୁଏ । ତାଙ୍କର ପାକୁଳି କରିବା ବନ୍ଦ ହେବା ସହ ଆଖିରୁ ପାଣି ଝରେ । ଲାମ୍ପି ରୋଗରେ ପୀଡିତ ଗାଈର ଖାଦ୍ୟ ଗ୍ରହଣ କ୍ଷମତା କମି ଯାଏ । ଫଳରେ ଅତ୍ୟଧିକ ଜ୍ୱର, ଦୁର୍ବଳତା, ଦୁଗ୍ଧ ଉତ୍ପାଦନ ହ୍ରାସ ଓ ଗର୍ଭପାତ ଭଳି ସମସ୍ୟା ଉତ୍ପନ୍ନ ହୁଏ । ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଗଲେ ଗାଈ ମାନେ ମୃତ୍ୟୁ ମୁଖରେ ପଡିଥାନ୍ତି । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଏଭଳି ଅବହେଳା ଯୋଗୁଁ ବଲାଙ୍ଗିର ଜିଲ୍ଲାରେ ଏବେ ସେହି ସମସ୍ୟା ସୃଷ୍ଟି ହୋଇଛି । ଭ୍ରାମ୍ୟମାଣ ପ୍ରାଣୀ ସମ୍ପଦ ବିକାଶ ଗାଡ଼ି ଜିଲ୍ଲାରେ କୁଆଡେ ବୁଲିଛି ତାର ଠିକଣା ନାହିଁ । ଲମ୍ପୀ ରୋଗ ଏକ ସଂକ୍ରମଣ ରୋଗ ହୋଇଥିବାରୁ ଏହାକୁ ନେଇ ଯେଉଁଭଳି ସଚେତନତା ସୃଷ୍ଟି କରାଯିବ କଥା ତାହା କରାଯାଉନାହିଁ । ଯାହା ଫଳରେ ଗୋପାଳନ ଚାଷୀ ମାନେ ଏବେ ଦୁଗ୍ଧ ବ୍ୟବସାୟରେ କ୍ଷତି ସହୁଥିବା ପ୍ରକାଶ କରିଛନ୍ତି। ତେବେ ଯଥା ଶୀଘ୍ର ଏହି ରୋଗର ନିରାକରଣ ପାଇଁ ଏକ ଚିକିତ୍ସକ ଟିମ ଗଠନ କରି ଗାଁ ମାନଙ୍କରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଯାଉ ଓ ଲାମ୍ପି ରୋଗର ନିରାକରଣ ପାଇଁ ସଚେତନତା ସୃଷ୍ଟି କରାଯାଉ ବୋଲି ପଶୁ ପ୍ରେମୀ ମହଲରେ ଦାବି ଉଠିଛି ।ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି ଯେ, ଭୁତାଣୁଜନିତ ଏହି ରୋଗର ଉପଶମ ପାଇଁ ଗତ ତିନିଦିନ ହେବ ଟୀକାକରଣ କରାଯାଉଛି । ଆମ ପାଖରେ ୧ ଲକ୍ଷ ୭୨ ହଜାର ଭାକସିନ୍ ଥିଲାବେଳେ ଆହୁରି ୭୦ ହଜାର ଆସୁଛି । ଆମର ୧୪ ଗୋଟି ବ୍ଲକ ଅଂଚଳରେ ୧୪ଟି ଭ୍ରାମ୍ୟମାଣ ଦଳ କାମ କରୁଛନ୍ତି। ବିଜାଖମନରେ ୧୦୦ ଗୋ ଧନ ଅଛନ୍ତି ସେଠାକୁ ଚିକିତ୍ସା ଦଳ ଯାଇଥିବା ସେ କହିଛନ୍ତି।

ଧାନମଣ୍ଡି ବନାମ ବେପାରୀ ମଣ୍ଡି

ସାଲେପୁର,(ପି.ଏନ): ମାହାଙ୍ଗା ବ୍ଲକ ଅଂଚଳରେ ଥିବା ବିଭିନ୍ନ ସେବା ସମବାୟ ସମିତି ଅଧିନରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଧାନମଣ୍ଡି ଖୋଲିଛି । ଧାନମଣ୍ଡିଗୁଡିକ ବେପାରୀମାନଙ୍କର କବ୍ଜାରେ ରହିଥିବା ଅଭିଯୋଗ ବି ପ୍ରତିବର୍ଷ ଗଣମାଧ୍ୟମରେ ହୋଇଆସୁଅଛି । ତେବେ ରାଜ୍ୟ ସରକାର ଧାନମଣ୍ଡି ଖୋଲିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ବେପାରୀମାନେ ଫାଇଦା ନେଇଥାଆନ୍ତି । ନାଁ ହେଉଛି ଚାଷୀଙ୍କର, କାର୍ଯ୍ୟ ହେଉଛି ବେପାରୀଙ୍କର । ଏ କଥା ସମସ୍ତେ ଅନୁଭବ କରୁଥିଲେ ମଧ୍ୟ କେହି ପାଟି ଫିଟାନ୍ତି ନାହିଁ । ବେପାରୀମାନେ ଚାଷୀଙ୍କ ଠାରୁ କୁଇଂଟାଲ ପିଛା ଧାନ ୧୩୦୦ ରୁ ୧୪୦୦ ଟଙ୍କା ମଧ୍ୟରେ କିଣି ମଣ୍ଡିରେ ସରକାରୀ ଦରରେ ବିକ୍ରି କର କୁଇଂଟାଲ ପଛା ୪୦୦ ରୁ ୫୦୦ ଟଙ୍କା ଲାଭ କରନ୍ତି । ଏଥିରେ ବି ଭାଗବାଂଟ ଥିବା ଚର୍ଚ୍ଚା ହେଉଛି ।

ରାଉରକେଲା ହକି ଷ୍ଟାଡିୟମରେ ଖେଳକୁ ନେଇ ସାମ୍ବାଦିକ ମାନଙ୍କ ଅସନ୍ତୋଷ

ରାଉରକେଲା,(ପି.ଏନ): ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ହକି ବିଶ୍ୱକପ ଚାଲିଥିବା ବେଳେ ଜିଲ୍ଲାର ସାମ୍ବାଦିକ ମାନଙ୍କ ଲାଗି ପ୍ରଶାସନ ପକ୍ଷରୁ କେବଳ ବେଳେ ଅଧେ ୧୦୦ ଟଙ୍କାଆ ପାଶ ଗୋଟାଏ ଧରାଇ ଦିଆଯାଇ କବାଟ କିଳିଦିଆଯାଉଥିବାରୁ ସାମ୍ବାଦିକ ମହଲରେ ତିବ୍ର ଅସନ୍ତୋଷ ପାଇଥିବା ବେଳେ ହକି ଷ୍ଟାଡିୟମ ଭିତରେ ଲାଗିଥିବା ଦୋକାନ ଗୁଡିକରେ ମନଇଚ୍ଛା ଚଢା ଦାମରେ ଖାଦ୍ୟପଦାର୍ଥ ବିକ୍ରି ଚାଲିଥିବା ଯୋଗୁ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଖବରରରୁ ଜଣାପଡିଛି, ବର୍ଷ କାଳ ରାଉରକେଲା ସମେତ ଜିଲ୍ଲାର ସମସ୍ତ ସାମ୍ବାଦିକ ସରକାରୀ କାର୍ଯ୍ୟକ୍ରମ ଗୁଡିକ ସହ ନେତା ମନ୍ତ୍ରୀଙ୍କ ଗସ୍ତ ଆଦିକୁ ପ୍ରଚାର କରବାରେ ସହଯୋଗ କରଥାନ୍ତି । ଲୋକ ସଂପର୍କ ବିଭାଗ ଦେଉଥିବା ରିଲିଜ ଗୁଡିକ ମଧ୍ୟ ଛାପିଥାନ୍ତି । ସମସ୍ତଙ୍କର ଆଶା ଥିଲା ହକି ଆରମ୍ଭ ହେଲେ ନିଜ ପରିବାର ସହ ଯାଇ ଖେଳ ଟିକେ ଦେଖିବେ, ଏଥିଲାଗି ପ୍ରଶାସନ ପକ୍ଷରୁ ପାଶ ବ୍ୟବସ୍ଥା କରାଜିବ । ଏଫଆଇଏଚ ପକ୍ଷରୁ ଯେଉଁମାନଙ୍କୁ ପାଶ ମିଳିଛି ସେମାନେ ପ୍ରତିଦିନ ଭିତରକୁ ଜିବା ସହ ନିଜପେଶା କରି ଆପ୍ୟାୟିତ ହେଲେ, ସେ ଖବର ଅନ୍ୟ ସାମ୍ବାଦିକ ଜାଣିଲେ କିନ୍ତୁ କୌଣସି ପ୍ରତିକ୍ରିୟା ନଥିଲା । ହେଲେ ଲୋକ ସଂପର୍କ ବିଭାଗ ପକ୍ଷରୁ ଅନ୍ୟମାନଙ୍କୁ ସେଭଳି ସହଯୋଗ କରାନଜିବାରୁ ଅସନ୍ତୋଷ ବଢିଛି ।ଏପରିକି ଉଦଘାଟନୀ ଉତ୍ସବ ଦିନ କିଛି ସାମ୍ବାଦିକ ପ୍ରତିବାଦ କରି ଥାନାରେ ଅଟକ ରହିଥିଲେ । ଏକଥା ତ କେହି ବୁଝିଲେନି କେବଳ ମଝି ମଝିରେ ସାମ୍ବାଦିକ ପିଛା ଗୋଟାଏ ଲେଖାଏଁ ନିର୍ଦ୍ଦିଷ୍ଟ ପଲିଟିକାଲ ଦଳ ପାଖରେ ଟିକେଟ ହାଉଯାଉ । ସେପଟେ କିଛି ଲୋକ ଗେଟ ପାଖରେ ୨୦୦୦, ୫୦୦୦ ଟଙ୍କାରେ ଟିକେଟ କଳାବଜାର ମଧ୍ୟ କରୁଛନ୍ତି । ଏନେଇ ପୁଲିସ ମଧ୍ୟ ନୀରବ । ଅବଶ୍ୟ ମଉକା ଦେଖି ଖେଳ ଦେଖି ଟିକେଟ ବ୍ଲାକ ହେଉଛି । ସେପଟେ ଷ୍ଟାଡିୟମ ଭିତର ଚା ଗୋଟାଏ ୫୦ ଟଙ୍କା, କଫି ୧୦୦ରୁ ୧୨୦, ସିଙ୍ଗଡା ୨୫ ଟଙ୍କା, ପପକନ ୬୦ ଟଙ୍କା, କେକ ୫୦ରୁ ୧୦୦ ଟଙ୍କା, ନାନ ୨ଟାକୁ ୧୨୦ ଟଙ୍କା, ପାଣି ବୋତଲ ୪୦ ଟଙ୍କାରେ ବିକା ଚାଲିଛି । ଏଥିରେ ପ୍ୟାକେଜ କମ୍ପ୍ୟୁଡିଟି ଆକ୍ଟର ଭାଉଲେସନ ମଧ୍ୟ ହେଉଛି । ତାକୁ କେହି ଦେଖିବାର ନାହିଁ । ବାହାର ଦାମ ଠାରୁ ୪ ଗୁଣା ୬ ଗୁଣା ରେଟରେ ଖାଦ୍ୟ ବିକାଯାଉଥିବା ବେଳେ ଭିତରକୁ କିଛି ନେବାକୁ ମନା ୧୦୦ ଟଙ୍କାଆ ଟିକେଟର ବ୍ୟବସ୍ଥା ହୋଇଛି । ତେବେ ଏବେ ଆଉ ଟିକେଟ ମିଳୁ ନଥିବା ବେଳେ ଏକ

୨୦୨୧ ମଇ ମାସର ଗହମ ଗଲା କୁଆଡେ

ସାଲେପୁର,(ପି.ଏନ): ଯୋଗାଣ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ୨୦୨୧ ମସିହା ମଇ ଓ ଜୁନ୍ ମାସର ଗହମ ଏପର୍ଯ୍ୟନ୍ତ ଡିଲରମାନଙ୍କୁ ପ୍ରଦାନ କରାଯାଇନଥିବାରୁ ଖାଉଟିମାନେ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । କେଉଁ ଡିଲର ପଏଂଟରେ ୩ ମାସର, ୪ ମାସର ଓ ୫ ମାସର ଗହମ ମଧ୍ୟ ବଂଟନ କରାଯାଇନଥିବା ଅଭିଯୋଗ ହୋଇଛି । ତେବେ ଏ ଦୁଇ ମାସର ଗହମ ଖାଇଲା କିଏ ? ଏଣେ ସରକାର କହୁଛନ୍ତି ମାଗଣାରେ ହିତାଧିକାରୀମାନଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ କରାଯାଉଛି । ବର୍ତମାନ ମାହାଙ୍ଗା ବ୍ଲକର ନଭେମ୍ବର, ଡିସେମ୍ବର ମାସର ମାଗଣା କିମ୍ବା ପଇସା ଦିଆ ଚାଉଳ, ଗହମ ବଂଟନ କରାଯାଇନାହିଁ । ଅପରପକ୍ଷେ ସମଗ୍ର ଓଡିଶାରେ ରାସନକାର୍ଡରେ ହିତାଧିକାରୀଙ୍କ ନାମ ସଂଯୋଗ କରାଯାଉଥିଲା ବେଳେ ମାହାଙ୍ଗା ବ୍ଲକରେ ଏହି ସଂଯୋଗ କାର୍ଯ୍ୟ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ କରାଯାଉନାହିଁ । ଦୀର୍ଘ ଦିନ ହେବ ହିତାଧିକାରୀଙ୍କ ରାସନକାର୍ଡରୁ ଆପଣା ଛାଏଁ ନାମ କଟିଯାଇଥିଲେ ମଧ୍ୟ ତାହା ସଂଯୋଗ କରାଯାଉନାହିଁ । ଯୋଗାଣ ବିଭାଗ କହୁଛି ଯେ, ସିଷ୍ଟମରେ ସାଇଡ୍ ଖୋଲୁନାହିଁ । ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ମାହାଙ୍ଗା ବ୍ଲକର ଗୋତରା ପଂଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ବ୍ୟାପକ ଅବ୍ୟବସ୍ଥା ସଂପର୍କରେ ଆପିଲୋ ଅଂଚଳର ସୂର୍ଯ୍ୟକାନ୍ତ ପଣ୍ଡା ରାଜ୍ୟ ଯୋଗାଣ ବିଭାଗର ମନ୍ତ୍ରୀ, ଯୋଗାଣ ବିଭାଗ ସଚିବ ଏପରିକି କଟକ ସଦର ଉପଜିଲ୍ଲାପାଳଙ୍କୁ ତା.୨.୧.୨୦୨୩ ରିଖରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଡିଲରଙ୍କ ବିରୁଦ୍ଧରେ କରାଯାଇନାହିଁ । ମାହାଙ୍ଗା ବ୍ଲକରେ କେତେକ ଡିଲର ବର୍ତମାନ ଚାଉଳ ବଂଟନ କରୁଛନ୍ତି । ହେଲେ ହିତାଧିକାରୀଙ୍କ ଠାରୁ ଆଙ୍ଗୁଳି ଛାପ ନେଉଥିଲେ ମଧ୍ୟ ଡିଲର ପଏଂଟରେ ଚାଉଳ ନଥିବାରୁ ହିତାଧିକାରୀମାନେ ଫେରୁଛନ୍ତି । ତେବେ ପ୍ରଶ୍ନ ଉଠୁଛି ଡିଲର ପଏଂଟରୁ ଚାଉଳ ଗଲା କୁଆଡେ । ମାହାଙ୍ଗା ବ୍ଲକ ଯୋଗାଣ ବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ଅପାରଗତା ପାଇଁ ସାଧାରଣ ଖାଉଟି ହଟହଟା ହେଉଥିଲା ବେଳେ କାହା ସ୍ୱାର୍ଥରେ ଯୋଗାଣ ବିଭାଗ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉନାହିଁ କି ଯେଉଁ ଡିଲରମାନେ ଖାଉଟି ସାମଗ୍ରୀ ହଡ଼ପ କରୁଛନ୍ତି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ଯାହାଫଳରେ ଖାଉଟି ବିଭାଗ ପ୍ରତି ସାଧାରଣ ହିତାଧିକାରୀଙ୍କ ଆସ୍ଥା ତୁଟିବାରେ ଲାଗିଛି ।

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପି

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Sunday January 22, 2023 | ଭୁବନେଶ୍ୱର ରବିବାର, ଜାନୁଆରୀ ୨୨,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଏବଂ ପାରାଦୀପ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କୁ ସଡକ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଗଣେଶ୍ୱର ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହାପରେ ମହାବିଦ୍ୟାଳୟ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ପାରାଦୀପର ବିଭିନ୍ନ ଟ୍ରାଫିକ୍ ପୋଷ୍ଟ ନିକଟରେ ଦୁଇଚକିଆ ଏବଂ ଚାରି ଚକିଆ ଚାଳକ ମାନଙ୍କୁ ଗୋଲାପ ଫୁଲ ଏବଂ ଚକୋଲେଟ୍ ପ୍ରଦାନ କରି ଗାଡି ଚାଳକ ମାନଙ୍କୁ ହେଲମେଟ, ସିଟ ବେଲ୍ଟ ବ୍ୟବହାର କରିବା ସହିତ ସଡକ ସୁରକ୍ଷାର ବିଭିନ୍ନ ନିୟମାବଳୀ ବିଷୟରେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପକ ବ୍ରହ୍ମାନନ୍ଦ ବିଶ୍ୱାଳ, ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଏବଂ ଅଧାପିକା ଶାଶ୍ୱତୀ ପଟ୍ଟନାୟକ, ଯୁବ ରେଡକ୍ରସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା ।

ପୋଲିସ ଅଧିକାରୀ କରୁଥିଲେ ଗଞ୍ଜେଇ ବେପାର, ଧରାପଡ଼ିବା ପରେ ନିଲମ୍ବିତ

ବୌଦ୍ଧ,(ପି.ଏନ): ପୋଲିସ ବରଦିରେ ଲାଗିଲା କଳା ଛିଟା । ପୋଲିସ ଅଧିକାରୀ କରୁଥିଲେ ଗଞ୍ଜେଇ ବେପାର । ପୋଲିସ ଅଧିକାରୀଙ୍କ ବାସଭବନରୁ ଜବତ ହେଲା ଗଞ୍ଜେଇ । ଗଞ୍ଜେଇ କାରବାରରେ ସମ୍ପୃକ୍ତି ନେଇ ଧରାପଡ଼ିବା ପରେ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ନିଲମ୍ବିତ ହେଲେ ପୋଲିସ ଅଧିକାରୀ । ବୌଦ୍ଧ ଗଞ୍ଜେଇ କାରବାର ସମ୍ପୃକ୍ତିରେ ବଘିଆପଡା ଫାଣ୍ଡି ଅଧିକାରୀ ସମେତ ୨ କନେଷ୍ଟବଳ ନିଲମ୍ବିତ । ନିଲମ୍ବନ କଲେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାଇ ମୀନା । ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ, କନେଷ୍ଟବଳ ସଂଜୀବ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି । ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ ଗତ ୧୬ ତାରିଖରେ ଜଣେ ଗଞ୍ଜେଇ ବେପାରି ଠାରୁ ଏକ ବାଇକ ସହ ୧୬ କିଲୋ ଗଂଜେଇ ଧରିଥିଲେ । ଅଭିଯୁକ୍ତକୁ ଛାଡିବା ସହ ଗଂଜେଇ ନିଜ ସରକାରୀ କ୍ୱାର୍ଟରରେ ରଖିଥିଲେ । ଅଭିଯୋଗ କ୍ରମେ ଏସପି ଘଟଣାର ତଦନ୍ତ କରିଥିବା ବେଳେ ତାଙ୍କ ସରକାରୀ ବାସଭବନରୁ ଗଞ୍ଜେଇ ସହିତ ବାଇକ୍ ମଧ୍ୟ ଜବତ ହୋଇଥିଲା । ତେବେ ଏହି ବେପାରରେ ପୋଲିସ୍ ନିଜେ ଢ଼ିଲ କରି ଗଞ୍ଜେଇ ବେପାରୀଙ୍କ ସହିତ ମିଶିଥିବରୁ ଫାଣ୍ଡି ଅଧିକାରୀ ସନାତନ ପ୍ରଧାନଙ୍କ ସମେତ ଦୁଇ ଜଣ କନେଷ୍ଟବଳ ମଧ୍ୟ ସଂପୃକ୍ତି ଥିବାରୁ ସମସ୍ତଙ୍କୁ ଆରକ୍ଷୀ ଅଧିକ୍ଷକ ନିଲମ୍ବନ କରିଛନ୍ତି । ତେବେ ପୂର୍ବରୁ ମଧ୍ୟ ସେହି ଫାଣ୍ଡିରେ ଏଭଳି ଅଭିଯୋଗ ଆସିଥିବା ବେଳେ ପୂର୍ବରୁ ମଧ୍ୟ ଜଣେ ଫାଣ୍ଡି ଅଧିକାରୀଙ୍କୁ ବଦଳି କରାଯାଇଥିଲା ।

ପାରାଦୀପ ମହାବିଦ୍ୟାଳୟରେ ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଯୁଜି ଛାତ୍ରଛାତ୍ରୀ ମାନଙ୍କ ପାଇଁ ପାରାଦୀପ ମହାବିଦ୍ୟାଳୟରେ ଏକ ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଉସ୍ ତଥା ପ୍ରଶିକ୍ଷକ ଭାବେ ପ୍ରଫେସର ଏ.ଏ. ଖାନ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ଉଦଘାଟନ କରି ଏକ ପ୍ରେରଣାଦାୟୀ ସ୍ୱାଗତ ଭାଷଣ ଦେଇଥିଲେ । ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳିକା ଲିଜା ସ୍ୱାଇଁ ଓ ଗ୍ରାମୀଣ ପରିଚାଳିକା ଅନନ୍ୟା ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ସମ୍ପର୍କିତ ନିଜର ମନ୍ତବ୍ୟ ରଖିଥିଲେ । ପ୍ରଫେସର ଖାନ ଏହି ପ୍ରାୟୋଗିକ ଅଧିବେଶନକୁ ଯଥେଷ୍ଟ ଉପଯୁକ୍ତ ଢଙ୍ଗରେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଅଧିବେଶନ ପାରସ୍ପରିକ ଏବଂ ଶିକ୍ଷଣୀୟ ଥିଲା ଯେଉଁଥିରେ ଛାତ୍ରଛାତ୍ରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଇଂରାଜୀ ପ୍ରାଧପିକା ଶାଶ୍ୱତୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟାବାଦ ଅର୍ପଣ କରିଥିଲେ ।

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଯଶୁଆପୁର ହାଇସ୍କୁଲ ନିର୍ମାଣ କାର୍ଯ୍ୟ ଆରମ୍ଭ

ବାଲିଅନ୍ତା,(ପି.ଏନ) : ଶନିବାର ଅପରାହ୍ନରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତର ଯଶୁଆପୁରଠାରେ ହେବାକୁ ଥିବା ହାଇସ୍କୁଲ୍‌ର ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା, ସେଥିପାଇଁ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ତଥା ଗ୍ରାମବାସୀମାନେ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଥିଲେ, ସେମାନଙ୍କ ସହ ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ପରିଚାଳନା କମିଟିର ସଭାପତି ଉମାକାନ୍ତ ମହାପାତ୍ର, ଗଣେଶ୍ୱର ସ୍ୱାଇଁ, କାର୍ତ୍ତିକେଶ୍ୱର ବେହେରା, ରଶ୍ମି ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ ।

ସନ୍ନି କପ ୨୦୨୩ ଆନ୍ତଃ ରାଜ୍ୟ ଟି-୨୦ ଟୁଣ୍ଣାମେଂଟ ଉଦଘାଟିତ

ଜୟପୁର, (ପି.ଏନ): ସନ୍ନି କପ ୨୦୨୩ ଆନ୍ତଃ ରାଜ୍ୟ ଟି-୨୦ ଟୁଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ସନ୍ନି କ୍ରିକେଟ ବ୍ଲକ ତରଫରୁ ଜୟପୁର ବିକ୍ରମ ଦେବ କଲେଜ ପଡିଆରେ ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ଗୋପାଳ କୃଷ୍ଣ ପଟ୍ଟନାୟକ, ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କ୍ରିକେଟ ଟୁଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି ।ଏ

ଭାରତ ଯୋଡ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ଜୟପୁର, (ପି.ଏନ): ଆସନ୍ତା ଗୁରୁବାର ଠାରୁ ଆରମ୍ଭ ହେବାକୁ ଥିବା ଭାରତ ଯୋଡ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ବାବା ସାହେବ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଜିଲ୍ଲା ମହୋତ୍ସବ କଲ୍ଲୋଳରେ ପାରାଦୀପ କଳାକାର ସମ୍ବର୍ଦ୍ଧିତ

ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳରେ ପାରାଦୀପର ପରମଜ୍ୟୋତି କଳା କ୍ଷେତ୍ରର କଳାକାରମାନେ ଓଡିଶାର ବିଭିନ୍ନ ପର୍ବପର୍ବାଣୀ ଉପରେ ନୃତ୍ୟ ପରିବେଶଣ କରିଥିଲେ । ଏଥିସହିତ ବିଘ୍ନ ବିନାଶକ ଗଣେଷଙ୍କ ଉପରେ ସୁନ୍ଦର ନୃତ୍ୟ ପରିବେଶଣ କରିଥିଲେ । ଯାହାକି ଉପସ୍ଥିତ ଦର୍ଶକମାନଙ୍କ ପ୍ରଶଂସା ସାଉଁଟି କାରେ ସକ୍ଷମ ହୋଇଥିଲେ । ନୃତ୍ୟ ପରିବେଶଣ ଶେଷରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପରମଜ୍ୟୋତି କଳା କ୍ଷେତ୍ରକୁ ମାନପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା । ନୃତ୍ୟ ଗୁରୁ ଇତିଶ୍ରୀ ନାୟକ ଓ ସଙ୍ଗଠନର ମୁଖ୍ୟ ବିଶ୍ୱଜିତ ରାଉତ ଓ କଳାକାରମାନେ ଏହି ସମ୍ମାନ ଗ୍ରହଣ କରିଥିଲେ । ଜିଲ୍ଲା ମହୋତ୍ସବରେ ଭାଗ ନେଇ ସମ୍ମାନିତ ହେବା ପରେ କଳାକାରମାନେ ଖୁସି ବ୍ୟକ୍ତ କରିଛନ୍ତି । ଏହି ଭଳି ସମ୍ମାନ ଆଗାମୀ ଦିନରେ କଳାକାରମାନଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ଅନୁଷ୍ଠାନର ମୁଖ୍ୟ ବିଶ୍ୱଜିତ ରାଉତ କହିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

ୱାର୍ଲଡ଼ ଓଡିଶା ସୋସାଇଟି ପକ୍ଷରୁ ପ୍ରଣବ ପଟ୍ଟନାୟକ ଙ୍କର ୮୫ତମ ଜନ୍ମଦିନ ପାଳନ

ଭୁବନେଶ୍ୱର/ନୂଆଦିଲ୍ଲୀ,(ପି.ଏନ): ଓଡ଼ିଆ ସଂଗୀତ ଜଗତର ପ୍ରବାଦପୁରୁଷ ପ୍ରଣବ ପଟ୍ଟନାୟକ ଙ୍କର ୮୫ତମ ଜନ୍ମ ଦିବସ ୱାର୍ଲଡ଼ ଓଡ଼ିଶା ସୋସାଇଟି (ୱାଓସୋ) ତରଫରୁ ଆଭାସି ମଞ୍ଚରେ ପାଳନ କରାଯାଇଛି ।ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କର ପୌରହିତ୍ୟରେ ଭାରତୀୟ ସମୟ ଅନୁଯାୟୀ ଜାନୁୟାରୀ ୨୦ ଓ ୨୧ ତାରିଖର ମଧ୍ୟରାତ୍ରରେ ଆୟୋଜିତ ଏହି ଉତ୍ସବରେ ସାରା ପୃଥିବୀର ୱାଓସୋର ସଦସ୍ୟ ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ । ଏଥିମଧ୍ୟରେ ରହିଥିବା ଶ୍ରୀ ପଟ୍ଟନାୟକ ଙ୍କର ବହୁ ପ୍ରଶଂସକ ଓ ଅନୁଗାମୀ, ସଂଗୀତ ମାଧ୍ୟମରେ ତାଙ୍କୁ ଜନ୍ମ ଦିନର ଭେଟି ପ୍ରଦାନ କରିଥିଲେ । ହେ ଆତ୍ମନ ନିଦ୍ରା ପରିହରି.., ମା ତୁମେ ଜଗତର ସାହା ଭରସା.., ମାଝିରେ କରିଦେ ପାରି.. ଆଦି ଶ୍ରୀ ପଟ୍ଟନାୟକଙ୍କର ଚୀରସବୁଜ, ସଦା ଅଭୁଲା ଅଜସ୍ର ଲୋକପ୍ରିୟ ସଂଗୀତ ଗୁଡ଼ିକ ଗାୟନ ହେଉଥିବା ବେଳେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଦ୍ଦୀପନା ଓ ଉନ୍ମାଦନା ଦେଖିବାକୁ ମିଳିଥିଲା ।ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାଓସୋର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରଣବ ପଟ୍ଟନାୟକଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଆ ଗାୟକ ବୋଲି ବର୍ଣ୍ଣନା କରିଥିଲେ । ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ସେ ଯେଉଁପରି ଓଡ଼ିଆ ସଂଗୀତ ଦୁନିଆରେ ଛାଇ ହୋଇ ରହିଛନ୍ତି, ତାହା ଅତୁଳନୀୟ ଓ ଅଭୂତପୂର୍ବ ବୋଲି ଶ୍ରୀ ଦ୍ୱିବେଦୀ ସୁଚାଇଥିଲେ ।ମୁଖ୍ୟଅତିଥି ଭାବରେ ଯୋଗ ଦେଇ ପ୍ରଣବ ପଟ୍ଟନାୟକ ଙ୍କର ଧର୍ମପତ୍ନୀ କସ୍ତୁରୀକା ପଟ୍ଟନାୟକ, ଶ୍ରୋତା ମାନଙ୍କର ଶ୍ରଦ୍ଧା ଓ ସମ୍ମାନ ହିଁ ଜଣେ ଗାୟକର ମୁଖ୍ୟ ପୁଞ୍ଜି ବୋଲି କହି ଜନ୍ମଦିନର ବିପୁଳ ଅଭିନନ୍ଦନ ପାଇ ୱାଓସୋର ସଦସ୍ୟ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ୱାଓସୋର ପ୍ରତିଷ୍ଠାତ୍ରୀ ଡ. ଅରୁନ୍ଧତୀ ଦେବୀ, ପ୍ରଖ୍ୟାତ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କର ଅମ୍ଳାନ ପ୍ରତିଭା, ଉତ୍କୃଷ୍ଟ ପାରଦର୍ଶିତା ଏବଂ ଉତ୍ତୁଙ୍ଗ ସୃଜନଶୀଳତାର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ । ସଭା ଆରମ୍ଭ ରେ ୱାଓସୋର ଆନ୍ତର୍ଜାତିକ ଆବାହକ ଏବଂ ରୁଷ ଓଡ଼ିଆ ସମାଜ ର ସଭାପତି ସନ୍ତୋଷ ମିଶ୍ର, ପ୍ରଣବ ପଟ୍ଟନାୟକଙ୍କର କାଳଜୟୀ ସଂଗୀତ, ଇନ୍ଦ୍ରଧନୁର ସପ୍ତରଙ୍ଗ' ଗାୟନ କରି ତାଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଥିଲେ । ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବା ଅନ୍ୟ ବିଶିଷ୍ଟବ୍ୟକ୍ତି ମାନଙ୍କ ମଧ୍ୟରେ ଆମେରିକା ରୁ ୱାଓସୋର ଉପଦେଷ୍ଟା ଧୀରେନ୍ଦ୍ର କର, ଆନ୍ତର୍ଜାତିକ ସଂଯୋଜକ ଅକ୍ଷୟ ମହାନ୍ତି, ଅଷ୍ଟ୍ରେଲିଆରୁ ୱାଓସୋ ଉପାଧ୍ୟକ୍ଷ ଡ. ନଳିନୀ ପତି, ବରଦା ପ୍ରସନ୍ନ ଦାସ, ଅଭିଜୀତ ମଜୁମଦାର, ପୁଷ୍ପାଞ୍ଜଳି ବାରିକ, ଶ୍ରୀମନ୍ତ ବିଶ୍ୱାଳ, ରୀତା ପାତ୍ର ଓ କ୍ଷୀରାବ୍ଧୀତନୟା ଜେନା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ୱାଓସୋର ସାଂସ୍କୃତିକ ବିଭାଗର ସାଧାରଣ ସମ୍ପାଦକ କାବେରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଲଣ୍ଡନରୁ ଡ. ଜୟଶ୍ରୀ ନନ୍ଦ, ଆୟର୍ଲ୍ୟାଣ୍ଡରୁ ଶ୍ରୀମାରାଣୀ ଦାସ, ହୃଦାନନ୍ଦ ପୃଷ୍ଟି, କୃପାନିଧି ବିଶ୍ୱାଳ, ଶ୍ୱେତାଙ୍କ ରାଜଗୁରୁ, ସଞ୍ଜୟ କୁମାର ପଣ୍ଡା, ଅନୀସ ପୂଜା ପଣ୍ଡା, ଆଶିଷ କୁମାର ଦାଶ ଓ ଉମାକାନ୍ତ ଜେନା ପ୍ରମୁଖ ସାମିଲ ଥିଲେ । ୱାଓସୋର ଯୁବଶାଖା ର ସଦସ୍ୟ ନନ୍ଦନ ଦ୍ୱିବେଦୀ ଡିଜିଟାଲ କକ୍ଷକୁ ନିୟନ୍ତ୍ରଣ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray